## ସଂକ୍ଷେପରେ

### ମହିଳା ସଂଗଠନର ଥାନା ଘେରାଉ

**କପ୍ତିପଦା,୯।୧(ଡି.ଏନ.ଏ):** ବିଭିନ୍ନ ଦାବି ନେଇ କପ୍ତିପଦା ବ୍ଲକ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବୁଧବାର କପ୍ତିପଦା ଥାନା ଘେରାଉ କରାଯାଇଥିଲା। ସ୍ଥାନୀୟ ଗାନ୍ଧୀଛକଠାରୁ ସଂଗଠନର ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ଥାନା ନିକଟରେ ପହଞ୍ଚିଥିଲେ। ଏଥିରେ ମହିଳା ସଂଘର ସମ୍ପାଦିକା ସସ୍ମିତା ପତି, ସମ୍ପାଦିକା ଆରତୀ ମହାକୁଡ, ଉପଦେଷ୍ଟା ମନମୋହନ ମିଶ୍ର ଏବଂ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇ ଧାରଣାରେ ବସିବା ସହିତ ଥାନା ସମ୍ମୁଖରେ ଏସ୍‌ଡିପିଓ ଏବଂ ପୂର୍ବତନ ଆଇଆଇସିଙ୍କ କୁଶପୁତଳିକା ଦାହ କରିଥିଲେ। ଦାବିଗୁଡିକ ମଧରେ ଚୋରା ମଦ ବିକ୍ରେତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ, କପ୍ତିପଦା ଡାକ୍ତରଖାନାକୁ ଆବଶ୍ୟକ ଡାକ୍ତର ଯୋଗାଇବା, ଅବହେଳିତ ଗ୍ରାମମାନଙ୍କୁ ବିଜୁଳି ଯୋଗାଣ,ଏମଜିଏନଆରଇଜିଏସ କାର୍ଯ୍ୟରେ ଠିକାଦାରି ବନ୍ଦ କରିବା ଉଲ୍ଲେଖ ରହିଛି।

### ରାଜ୍ୟସ୍ତରୀୟ ସିପକଟାକ୍ର ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୬ ଖେଳାଳି

**ବାରିପଦା ଅଫିସ, ୯।୧:** ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ସିପକଟାକ୍ର ପ୍ରତିଯୋଗିତା ୯ ତାରିଖରୁ ପୁରୀ ଜିଲା ଉଚ୍ଚ ବିଦ୍ୟାଳୟଠାରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ୩ ବାଳକ ବିଜୁ ବିନ୍ଧାଣୀ, ଲାଡେନ ସୋରେନ ଓ ପ୍ରଦୀପ ସିଂ ଏବଂ ୩ ଜଣ ବାଳିକା ହିସି ହେମ୍ବ୍ରମ, ପାନ ମୁର୍ମୁ ଓ ଅନା ମୁର୍ମୁ ଭାଗ ନେଇଛନ୍ତି। ବାଳକ ଟିମ୍ ମ୍ୟାନେଜର ଭାବେ ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ପିଟିଆଇ ପ୍ରିୟଙ୍କା ଯୈଶ୍ୱାଲ ଖେଳାଳିମାନଙ୍କ ସହିତ ଯାଇଛନ୍ତି। ଏହି ପ୍ରତିଯୋଗୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରୀରିକ ନିରୀକ୍ଷକ ଭାଗୀରଥି ମଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ବଡ଼ସାହି,୯।୧(ସ୍ୱ.ପ୍ର.):** ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାସ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧାପକ ରମେଶ କୁମାର ବେହେରା ଓ ଖେଳ ଶିକ୍ଷକ ସତୀଶ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ସୁରେନ୍ଦ୍ର ସିଂ, ଦିବାକର ସିଂ, ଛାତ୍ରୀ ବୁଧୁନି ସିଂ ଓ ସୀତା ସିଂ ଚାମ୍ପିୟନ ହୋଇଥିଲେ। କଲେଜର ଅଧାପକ ବିନୋଦ ପରିଡା, ଶୈଳେଶ ବେହେରା, ସୁବ୍ରତ ବିଶ୍ୱାଳ, ସଞ୍ଜୟ ଜେନା, ପାର୍ଥସାରଥି ବିଶ୍ୱାଳ ଓ ଜୀବନ ପଣ୍ଡିତ ଏବଂ ଅଧାପିକା ସ୍ୱର୍ଣ୍ଣପ୍ରଭା ରାଉତ ସହଯୋଗ କରିଥିଲେ।

■ ଆଇଟିଡିଏ କାର୍ଯ୍ୟାଳୟରେ ତାଲା ପକା ଘଟଣା

# ଏମ୍‌ପି, ବିଧାୟକଙ୍କ ନାଁରେ ମାମଲା

**ରାଇରଙ୍ଗପୁର,୯।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଆଇଟିଡିଏ କାର୍ଯ୍ୟାଳୟର ପ୍ରକଳ୍ପ ପ୍ରଶାସକ (ପିଏ)ଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ମୟୂରଭଞ୍ଜ ଏମ୍‌ପି ଇଂ.ବିଶ୍ୱେଶ୍ୱର ଟୁଡୁ ଏବଂ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀଙ୍କ ଉପସ୍ଥିତିରେ ଗୁରୁବାର ସମର୍ଥକଗଣ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଥିଲେ। ଏନେଇ ଆଇଟିଡିଏ ପିଏ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ଅଭିଯୋଗ କ୍ରମେ ଟାଉନଥାନା ପୋଲିସ ଏମ୍‌ପି ଓ ବିଧାୟକଙ୍କ ସହ ତାଙ୍କର କେତେକ ସମର୍ଥକଙ୍କ ନାମରେ ଏକ ମାମଲା(ନଂ.୮/୨୦) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଏମ୍‌ପି ଟୁଡୁ ଏବଂ ମାଝୀଙ୍କ ନେତୃତ୍ୱରେ କେତେକ ଜିଲାପରିଷଦ ସଦସ୍ୟ ଓ ଯୁବକର୍ମୀ ଆଇଟିଡିଏ କାର୍ଯ୍ୟାଳୟ ପିଏଙ୍କ ଅଫିସ ଚାମ୍ବରକୁ ଯାଇ ରାଇରଙ୍ଗପୁର ସବ୍‌ଡିଭିଜନ୍‌ର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ତଥ୍ୟ ମାଗିବା ବେଳେ ସେ ଅସହଯୋଗ କରି ବିଶୋଇ ଅଞ୍ଚଳକୁ ଯିବାକୁ ବାହାରିଥିଲେ। ଏଥିରେ ଏମପି ଟୁଡୁ ଓ ତାଙ୍କ ସମର୍ଥକ କ୍ଷୋଭ ପ୍ରକାଶ କରିଥିଲେ। ଏହା ପରେ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟରୁ ବାହାର କରି ତାଲା ପକାଇଥିଲେ। ଖବର ପାଇ ରାଇରଙ୍ଗପୁର ସର୍କଲ ଏସ୍‌ଡିପିଓ ସ୍ନେହାଶିଷ ସାହୁ ଏବଂ ସ୍ଥାନୀୟ ଟାଉନ୍‌ଥାନା ଅଧିକାରୀ ରେଣୁବାଳା ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପିଏ ସିଂ ଲାଗୁରୀଙ୍କ ଉପସ୍ଥିତିରେ ପୋଲିସ ଆଇଟିଡିଏ କାର୍ଯ୍ୟାଳୟ ଗ୍ରିଲ୍ ଭାଙ୍ଗିବା ପରେ ଲାଗୁରୀ ଓ ଅନ୍ୟ କର୍ମଚାରୀ କାର୍ଯ୍ୟାଳୟକୁ ପଶିଥିଲେ। ଏନେଇ ପୋଲିସ ମାମଲା ରୁଜୁ କରିବା ସମ୍ପର୍କରେ ବିଧାୟକ ମାଝୀଙ୍କୁ ପଚାରିବାରୁ ସେ ତାଲା ପକାଇବା ଘଟଣାକୁ ସ୍ୱୀକାର କରିଥିଲେ ମଧ ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଇଥିବା କହିଛନ୍ତି।

## ମୟୂରୀ ରୟାଲସ୍ ପ୍ରିମିୟର ଲିଗ୍‌ର ଖେଳାଳି ନିଲାମ

**ବାରିପଦା ଅଫିସ,୯।୧**

ମୟୂରୀ ରୟାଲସ୍ ପ୍ରିମିୟର ଲିଗର ଖେଳାଳି ନିଲାମ ପ୍ରକ୍ରିୟା ସ୍ଥାନୀୟ ପାଲବଣି ଗୋଲେଇ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାରେ ମା’ ଅମ୍ବିକା ୱାରିୟର୍ସ, ଷ୍ଟେସନ ଥଣ୍ଡର, କୋର ହଣ୍ଟରର୍ସ, ସ୍ମାସରସ ଓ ଦି ସୁପର ଷ୍ଟ୍ରାଇକର୍ସ ଆଦି ୫ଟି ଦଳ ଭାଗ ନେଇଥିଲେ। ଏହି ଖେଳ ଆସନ୍ତା ୧୯ରୁ ଆରମ୍ଭ ହୋଇ ୨୬ ତାରିଖରେ ସରିବ। ଖେଳାଳି ନିଲାମ ପ୍ରକ୍ରିୟାରେ ସର୍ବାଧିକ ୪ ହଜାର ୮ ଶହ ଟଙ୍କାରେ ଖେଳାଳି ପପୁ ପରିଡ଼ାଙ୍କୁ କୋର ହଣ୍ଟରର୍ସ ଦଳ କ୍ରୟ କରିଥିଲା। କାର୍ଯ୍ୟକ୍ରମରେ ଲିଗର ଅଧକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ଶିବ ଦ୍ୱିବେଦୀ, ନିମାଇଁ ଚରଣ ତ୍ରିପାଠୀ, ସତ୍ୟବାନ ପାତ୍ର, ରାମେଶ୍ୱର ମାଝୀ, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ‘ପୂର୍ଣ୍ଣଚନ୍ଦ୍ର ଗିରି ଥିଲେ ଜଣେ ଦରଦୀ ମଣିଷ’



ସ୍ମୃତି ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଉଦଳା,୯।୧(ଡି.ଏନ୍.ଏ.)**

ପୂର୍ଣ୍ଣଚନ୍ଦ୍ର ଗିରି ଥିଲେ ଜଣେ ଦରଦୀ ମଣିଷ । ଅନ୍ୟର ବେଦନାକୁ ବେଶ୍ ଭଲ ଭାବେ ବୁଝିପାରୁଥିଲେ ସେ । ସହାୟତାର ହାତ ବଢାଇବା ଠାରୁ ଆରମ୍ଭ କରି ଅନୁନ୍ନତ ଅଞ୍ଚଳରେ କିପରି ଶିକ୍ଷାର ବିକାଶ ହୋଇପାରିବ ସେଥିପାଇଁ ସେ ଚିନ୍ତିତ ରହୁଥିଲେ । ଆର.ଡି.ଏସ୍ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଭୂମିଦାତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଗିରିଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଏଭଳି ମତ ରଖିଛନ୍ତି ଉପସ୍ଥିତ ଅତିଥିଗଣ । ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ଗୌରହରି ମହାନ୍ତ, ମୁଖ୍ୟବକ୍ତା ପ୍ରାକ୍ତନ ଅଧକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ସ୍ୱତନ୍ତ୍ର ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୈତାରୀ ସିଅଳ, ସମ୍ମାନନୀୟ ଅତିଥି ଉଦଳା ମହାବିଦ୍ୟାଳୟର ଅଧାପକ ସୌମେନ୍ଦ୍ର ଦାସ, ୟୁନିକ୍ ପ୍ରେସ୍ କ୍ଲବର ସଭାପତି ସନ୍ତୋଷ କୁମାର ବାଛିନୀ, ଯୁକ୍ତ୩ ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ଯୋଗ ଦେଇଥିଲେ । ପରେ ମହାବିଦ୍ୟାଳୟର ସମ୍ମୀଳନୀ କକ୍ଷରେ ସ୍ମୃତି ସଭା ଆୟୋଜିତ ହୋଇଥିଲା।

## ୨୮ ଶିକ୍ଷାନୁଷ୍ଠାନର ୩୮୯ ଛାତ୍ରୀଛାତ୍ର ଭାଗନେଲେ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ଇଉଫୋରିଆ-୨୦୨୦ ଉଦ୍‌ଘାଟିତ**

**ବାରିପଦା ଅଫିସ,୯।୧**

ବାରିପଦା ସହରସ୍ଥିତ ଶହୀଦ ସ୍ମୃତି ଭବନଠାରେ ୨୩ତମ ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ -୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ୨୮ଟି ଶିକ୍ଷାନୁଷ୍ଠାନର ୩୮୯ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆୟୋଜକ କମିଟିର ଅଧକ୍ଷ ଅସୀତ କୁମାର ଗିରି, ସମ୍ପାଦକ ସତ୍ୟସ୍ୱରୁପ ଦାଶଙ୍କ ଉପସ୍ଥିତିରେ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଜିଲା ପ୍ରତିନିଧିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ପିକ୍ ଆଣ୍ଡ ଆକ୍ଟ, ମାଇମ, ଓଡ଼ିଆ ତର୍କ, ସ୍କ୍ରିପ୍ଟ ଏନାକ୍ଟମେଣ୍ଟ, ଗୁଲଦସ୍ତା ଓ ଡୁଏଟ ରେକର୍ଡ ହ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିବ ନାରାୟଣ ମିଶ୍ର, ପଙ୍କଜ ସାହୁ, ରାକେଶ ବେହେରା, ପିଣ୍ଟୁ ମାଇତି, ପୁରୁଷୋତ୍ତମ ଅଗ୍ରୱାଲା, ସତ୍ୟରଞ୍ଜନ ପାଣିଗ୍ରାହୀ ଓ ଅଙ୍କୁର ଖୁରାନା ପ୍ରମୁଖ ସହଯୋଗ କରିଥିଲେ।

## ‘ପରିଶ୍ରମ ହିଁ ସଫଳତାର ଚାବିକାଠି’



ମଞ୍ଚାସୀନ ଅତିଥିବୃନ୍ଦ।

**ବିଶୋଇ,୯।୧(ଡି.ଏନ୍.ଏ.)**

ବିଶୋଇ ବ୍ଲକ ଅଧୀନ ବାଡୁଣିଆ ସରକାରୀ ବାଳିକା ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ - ୨୦୨୦ ଉଦ୍‌ଯାପିତ ହୋଇଯାଇଛି। ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଶୋଳର ଗୌରୀ ଶଙ୍କର ମହାବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ଦାସ, ମୁଖ୍ୟବ୍ୟକ୍ତା ଭାବରେ ବିଶୋଇ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଗତ କୁମାର ଜେଠି ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଭୀମସେନ ହେମ୍ବ୍ରମ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ଦାସ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ମୁରଲୀ ଧର ବାରିକ,ଶିକ୍ଷକ ଜଗନ୍ନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବାଡୁଣିଆ ସରକାରୀ ଏସଏସଡି ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏ ଥିରେ ବିଦ୍ୟାଳୟର ଶିକ୍ଷକ ଚୈତନ୍ୟ ଗିରି, ଅପର୍ତ୍ତି ବେହେରା, ଶିବ ଚରଣ ସେଠୀ, ଅଧାପକ କିଶର ଚନ୍ଦ୍ର ରାଉତ, ପ୍ରଜ୍ଞା ପଣ୍ଡା, ଶ୍ରୀଦେବୀ ସ୍ୱାଇଁ, ରାଧାକାନ୍ତ ଦଳେଇଙ୍କ ସମେତ ସମସ୍ତ ଶିକ୍ଷକ ,ଶିକ୍ଷୟିତ୍ରୀ ଓ ସେବିକା ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

ନଦା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

## ‘ଅଧବସାୟ ରହିଲେ ଛାତ୍ରୀଛାତ୍ର ଶୀର୍ଷରେ ପହଞ୍ଚି ପାରିବେ’

**ଠାକୁରମୁଣ୍ଡା,୯।୧(ଡି.ଏନ୍.ଏ.)**

ଠାକୁରମୁଣ୍ଡା ବ୍ଲକ ନଦା ଆଶ୍ରମ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଧର୍ମେନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲକ ସମାଜମଙ୍ଗଳ ଅଧିକାରୀ ସୁଶାନ୍ତ ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମ ଚରଣ ନାଏକ ଓ ଦାମୋଦର ସାହୁ, ସମ୍ମାନନୀୟ ଅତିଥି ଠାକୁରମୁଣ୍ଡା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଭାଗ୍ୟରଥୀ ମହାନ୍ତି, ସାତକୋଶିଆ ସିଆରସି ସୁଶାନ୍ତ ନାଏକ, ଶାଳଚୁଆ ସରପଞ୍ଚ ବିପିନ ବିଶ୍ୱାଳ ଯୋଗ ଦେଇଥିଲେ। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଆଗ୍ରହ, ନିଷ୍ଠା, ଅଧବସାୟ ରହିଲେ ଛାତ୍ରୀଛାତ୍ରମାନେ ଶୀର୍ଷରେ ପହଞ୍ଚି ପାରିବେ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ତ୍ରିଲୋଚନ ମହାନ୍ତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

### ନିଖୋଜ ଯୁବକଙ୍କ ପତ୍ତା ମିଳୁନି

**ଚିତ୍ରଡା,୯।୧(ଡି.ଏନ୍.ଏ.)**

ମୋରଡ଼ା ଥାନା ଅଧୀନ ପଳାସପଦା ଗ୍ରାମର ଅନୀଲ କୁମାର ମହାନ୍ତଙ୍କ ପୁଅ ଦେବକୃଷ୍ଣ (୧୮) ନିଖୋଜ ଥିବା ବେଳେ ତାଙ୍କ ପତ୍ତା ମିଳୁନି। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାରଠାରୁ ସେ ଘରୁ ବାହାରି ଚିତ୍ରଡା ଯାଉଛି ବୋଲି କହି ଫେରି ନାହାନ୍ତି।

## ଫେବୃୟାରୀ ୭ରୁ ଆମ ସୀମାନ୍ତ ମହୋତ୍ସବ




ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର ସଦସ୍ୟବୃନ୍ଦ।

**ଝାରପୋଖରିଆ,୯।୧(ଡି.ଏନ୍.ଏ.)**

ସାରସକଣା ବ୍ଲକ ଅଧୀନ ଝାରପୋଖରିଆଠାରେ ଆସନ୍ତା ଫେବୃୟାରୀ ୭ ତାରିଖଠାରୁ ତିନି ଦିନିଆ ଆମ ସୀମାନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବ ପାଳନ କମିଟିର ସଭାପତି ପ୍ରଫେସର ସୁଭାଷ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ କମିଟିର ସମ୍ପାଦକ କ୍ରିଷ୍ଣା କେଶବ ଦାସ ୨୦୧୯ ବର୍ଷର ଆୟବ୍ୟୟ ହିସାବ ଆଗତ କରିଥିଲେ। ଏଥିରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହେବ। ପ୍ରସ୍ତୁତି ବୈଠକରେ ମହୋତ୍ସବ କମିଟିର ସମସ୍ତ ସଦସ୍ୟଙ୍କ ସମେତ ସଭ୍ୟ ମଣି ଶଙ୍କର ବାରିକ, ନିରଞ୍ଜନ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦ ଉଦ୍ଦେଶ୍ୟରେ ଘରେ ପଶି ଯୁବକ ଗିରଫ

**ବଡ଼ସାହି,୯।୧(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ମେଣ୍ଢାମୁଣ୍ଡିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ମନ୍ଦ ଉଦ୍ଦେଶ୍ୟରେ ପଶିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କାଳିଚରଣ ସୋରେନ(୨୨)। ସୋମବାର ବିଳମ୍ବିତ ରାତିରେ ସେ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ପଶିଥିଲେ। ସଂପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକେ ତାଙ୍କୁ କାବୁ କରି ନେଇଥିଲେ । ଏ ନେଇ ଥାନାରେ ମାମଲା(ନଂ. ୪/୨୦)ରୁଜୁ ହୋଇଛି।

## ରୁପେଲି ପରଦାରେ ମନୀଷା



ମା ଓ ବାପାଙ୍କ ସହିତ ମନୀଷା ।

**ବାରିପଦା ଅଫିସ,୯।୧**

ବାରିପଦା ସହର ଭଞ୍ଜପୁରର ଅବୋଧ ଧରମହାପାତ୍ର ଓ ପାରୁଲ ଧରମହାପାତ୍ରଙ୍କ ଏକ ମାତ୍ର କନ୍ୟା ମନୀଷା ରୁପେଲି ପରଦାରେ ପାଦ ଥାପିଛନ୍ତି। ଅଭିନେତା ପପୁ ପମ୍‌ପମ୍‌ଙ୍କ ଅଭିନୀତ ନୂଆ ଓଡ଼ିଆ ଫିଲ୍ମ ଗାଁର ନାଁ ଗାଲୁଆପୁରରେ ନାୟିକା ଭାବେ ମନୀଷା ଅଭିନୟ କରିବେ। ଏହି ଚରିତ୍ରକୁ ନେଇ ମନୀଷା ବହୁତ ଖୁସିଥିବା କହିଛନ୍ତି। ସେ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ-ଏମଏଡ ପଢୁଛନ୍ତି। ପିଲାଟି ଦିନରୁ ନୃତ୍ୟ ଓ ଅଭିନୟ ପ୍ରତି ରୁଚି ରଖିଥିବା ମନୀଷା ଏକ ଘରୋଇ ଟିଭି ଚ୍ୟାନେଲର ଡ୍ୟାନ୍ସ ରିୟଲିଟି ଶୋରେ ସେମିଫାଇନାଲିଷ୍ଟ ହୋଇଥିଲେ। ଏହା ସହିତ ବଡ଼ ବଡ଼ ଷ୍ଟେଜ ଶୋରେ ନୃତ୍ୟ ଓ ଅଭିନୟର ଯାଦୁ ଦେଖାଇଛନ୍ତି ମନୀଷା। ବାରିପଦାରୁ ଓଡ଼ିଆ ସିନେ ଜଗତରେ ବହୁ ଅଭିନେତ୍ରୀ-ଅଭିନେତା ଥିବା ବେଳେ ମନୀଷାଙ୍କୁ ତାଙ୍କୁ ଏହି ନୂଆ ଫିଲ୍ମ ପାଇଁ ତାଙ୍କ ସହପାଠୀ ଓ ସିନେପ୍ରେମୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ବଡ଼ାମ ଓ ଟୁସୁ ପୂଜା ପାଇଁ ଗାଁ ଉତ୍ସବମୁଖର

**କପ୍ତିପଦା,୯।୧(ଡି.ଏନ୍.ଏ.)**



ମକର ପାଇଁ ହାଟରୁ ଜିନିଷ କିଣିବା ଲାଗି ଲୋକେ ଭିଡ଼ ଜମାଇଛନ୍ତି।

ମୟୂରଭଞ୍ଜ ଜିଲାର ସବୁଠାରୁ ବଡପର୍ବ ହେଉଛି ମକରପର୍ବ। ଏହି ପର୍ବ ଯେତିକି ପାଖେଇ ଆସୁଛି ପ୍ରତି ଗାଁ ସେହି ଭଳି ଉତ୍ସବମୁଖର ହୋଇପଡୁଛି। ବର୍ଷକୁ ଥରେ ଏହି ପର୍ବକୁ ଆନନ୍ଦଉଲ୍ଲାସରେ ପାଳନ କରିବା ପାଇଁ ସବୁଠି ଜୋରଦାର ପ୍ରସ୍ତୁତି ଚାଲିଛି।

ଏହି ଅବସରରେ ବଡାମ ପୂଜା ପାଇଁ ମଧ ସଜବାଜ ଆରମ୍ଭ ହୋଇଛି। ବଡାମ ପୂଜା କହିଲେ ବାହୁଣ୍ଡିକୁ ବୁଝାଏ, ଅର୍ଥାତ୍ ମକରର ପୂର୍ବ ଦିନକୁ ବାହୁଣ୍ଡି କୁହାଯାଏ। କେହି କେହି ଏହାକୁ ପୁଷାଲି ଛଡ଼ା ମଧ କହିଥାନ୍ତି । ଏହାର ଅର୍ଥ ଏହା ଚାଷୀମାନଙ୍କର ବର୍ଷର ଶେଷଦିନ । ଏହି ଦିନରେ ଘରର ସମସ୍ତ ଲୁଗାପଟା ସଫା କରାଯାଇଥାଏ । ଗ୍ରାମ ଦେବତୀଙ୍କ ନିକଟରେ ବର୍ଷ ସାରା କହୁଥିବା ମିଥ୍ୟା କଥା ଓ ପାପ କର୍ମର କାଳିମାକୁ ଧୋଇବା ପାଇଁ ପୂଜାପାଠ କରାଯାଏ ବୋଲି ଲୋକକଥା ରହିଛି । ଗ୍ରାମର ଦେହୁରୀ ଘରେ ଘରେ ବୁଲି ଏହି ପୂଜା କରିଥାନ୍ତି । ସ୍ଥାନେ ସ୍ଥାନେ କୁକୁଡା ଓ ବୋଦା ବଡାମଙ୍କ ନିକଟରେ ବଳି ଦିଆଯାଏ । ତା'ପରେ ମେଲାଣି ଛଡ଼ାଯାଏ। ଏହାର ଅର୍ଥ ଘରର ଛିଣ୍ଡା ପାଛିଆ, ଟୋକେଇ, ଭଙ୍ଗା ଜୁଆଳି, ଇଶ, କୁଲା ଆଦି ବିଭିନ୍ନ ପ୍ରକାର ଜିନିଷକୁ ଏକ ଦୌଡିରେ ବାନ୍ଧି ଗ୍ରାମର ଶେଷ ମୁଣ୍ଡରେ ଗୋଟିଏ ସ୍ଥାନରେ ପକାଇ ଦିଆଯାଏ । ଏହା ପରେ ପୂଜା କରି ଭୋଗ ନୈବେଦ୍ୟ ଅର୍ପଣ କରି ସମସ୍ତେ ମାନସିକ କରିଥାନ୍ତି। ଯେମିତି ଗାଁକୁ ଡିଆଁ ରୋଗ ପ୍ରବେଶ ନ କରେ । ଏହି ବାହୁଣ୍ଡି ପୂଜା ତିନି ପ୍ରକାରର, ଯଥା ବାହୁଣ୍ଡି ଆଇଁଷ, ବାହୁଣ୍ଡି ବାଜା ଓ ବାହୁଣ୍ଡି ଡାକ। ବାହୁଣ୍ଡି ଆଇଁଷରେ ପୁରୁଣା ବର୍ଷକୁ ମାଛ ଦେଇ ବିଦା କରାଯାଏ । ବାହୁଣ୍ଡି ବାଜାର ଅର୍ଥ ପ୍ରତି ଗ୍ରାମରେ ଢୋଲ ବାଜେ ଯାହାକି ବିଜୟର ପ୍ରତୀକ । ସେହିପରି ବାହୁଣ୍ଡି ଡାକ କହିଲେ ମଧ ରାତ୍ରର ଶିଆଳ ଡାକକୁ ବାହୁଣ୍ଡି ଡାକ କୁହାଯାଇଥାଏ । ପ୍ରବାଦ ଅଛି, ଶିଆଳ ଡାକିଲେ ଆଗାମୀ ବର୍ଷରେ ଭଲ ଫସଲ ହୋଇଥାଏ । ତେଣୁ ଏହି ଡାକ ଶୁଣିଲେ ଚାଷୀମାନେ ବିହନ ଧାନ ମାପ କରି ରଖନ୍ତି । ଯଦି ସେଦିନ ଶିଆଳ ବଦଳରେ ଅନ୍ୟ ପଶୁ ଡାକ ଛାଡେ ସେହି ବର୍ଷ ଭଲରେ କଟିବ ନାହିଁ ବୋଲି ଲୋକ କଥା ରହିଛି । ଏହି ପ୍ରଥାକୁ ନେଇ ପୋଡାଡିହା ଗ୍ରାମର ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସେଠୀ କହନ୍ତି, ସେଦିନ ବଡି ଭୋରରୁ ସଂକୀର୍ତ୍ତନ ଦଳ ସହିତ ନଦୀକୁ ବୁଡ ପକାଇବାକୁ ଯିବାକୁ ପଡିଥାଏ। ବୁଡ଼ ପକାଇ ସାରି ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମକରପଲା ଜାଳି ସେକି ହେଲେ ସବୁ ଅପକର୍ମ ନିଆଁରେ ପୋଡି ଥାଏ ବୋଲି ପ୍ରବାଦ ରହିଛି ।

ସେହିପରି ଟୁସୁ ପୂଜା ଲାଗି ମୂର୍ତ୍ତି କିଣିବା ପାଇଁ ସବୁଠି ଭିଡ଼ ଜମୁଛି। ଏହି ପୂଜା କେବଳ କୁଆଁରୀ ଝିଅମାନେ ପାଳନ କରିଥାନ୍ତି। ମୂର୍ତ୍ତିକୁ ହାତରେ ଧରି ଗୀତ ଗାଇ ତାଙ୍କ ସ୍ମୃତିକୁ ମନେ ପକାଇବା ପାଇଁ ସେମାନେ ଗାଁ ଗାଁରେ ବୁଲିଥାନ୍ତି। ଏହି ପର୍ବର ମୁଖ୍ୟ ଆକର୍ଷଣ ଭାବେ କୁକୁଡା ଲଢେଇ ପ୍ରଶାସନର ଅଙ୍କୁଶ ପରେ ମଧ ବହୁ ସ୍ଥାନରେ ଚାଲୁଛି। ପ୍ରଶାସନ କେବଳ ବଡ଼ ବଡ଼ ସ୍ଥାନକୁ କୁକୁଡା ଲଢେଇ ପାଇଁ ବାରଣ କରୁଥିବାବେଳେ ଛୋଟ ଛୋଟ ସ୍ଥାନକୁ ଲୋକଙ୍କ ସୁଅ ଛୁଟେ। କୁକୁଡା ଲଢେଇରେ ଜୁଆ ଖେଳ ଏବେ ଏକ ସାଧାରଣ ଘଟଣା ପାଲଟିଛି। ପୋଲିସ ସବୁ ଜାଣି ମଧ ହାତ ବାନ୍ଧି ବସୁଛି। ତେଣୁ ଏହାକୁ ବନ୍ଦ କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି। ଏହି ସମୟରେ ସମୀବୃକ୍ଷ, ଟଙ୍ଗରିଆ ଓ ଟାଙ୍କରାଶୁଣୀ ପୀଠରେ ମକର ମେଳା ଧୂମଧାମରେ ପାଳିତ ହେବାକୁ ଥିବାବେଳେ ଗାଁ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତା, ଯାତ୍ରା ପରିବେଷଣ, ତାସ ଖେଳ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳୁଛି ।

## ସଂକ୍ଷେପରେ

### ବାରିକପୁରରେ ପ୍ରଦୂଷଣ କେନ୍ଦ୍ର

**ଭଣ୍ଡାରିପୋଖରୀ, ୯।୧(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ବାରିକପୁର ବଜାରଠାରେ ଓମ୍ ପ୍ରଦୂଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅକ୍ଷୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜଳମଣ୍ଡୁଆ ସରପଞ୍ଚ ଜଗବନ୍ଧୁ ଦାସ, ସମବାୟ ସମିତି ସଭାପତି ବିଜୟ ଖିଲାର, ତୁଷାର ଜେନା, ବିଶ୍ୱରଞ୍ଜନ ଦାସ, ଲକ୍ଷ୍ମୀ କର, ଦିଲୀପ ମହାନ୍ତି ଓ ସୀତାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାର ପ୍ରଗତି ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ

**ଆରଡ଼ି, ୯।୧(ଡି.ଏନ.ଏ.):** ଛାତ୍ରୀଛାତ୍ର ଅଧ୍ୟୟନ ସହ କ୍ରୀଡ଼ା ପ୍ରଦର୍ଶନ କରିବା ଉଚିତ। ଏହାଦ୍ୱାରା ଶାରୀରିକ ସୁସ୍ଥତା ମିଳିବା ସହ ମାନସିକ ଶାନ୍ତି ଉପଲବ୍ଧ ହୋଇଥାଏ। ଶିକ୍ଷାର ପ୍ରଗତି ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ଚାନ୍ଦବାଲି ବ୍ଲକ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ପୂର୍ବତନ କ୍ରୀଡ଼ା ଶିକ୍ଷକ ରକ୍ଷାକର ବିଶ୍ୱାଳ ଓ ଶିକ୍ଷା ପରିଚାଳନା କମିଟି ଅଧକ୍ଷ ଦେବକାନ୍ତ ବିଳାସ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଉଦ୍‌ଘାଟନ ଓ ପ୍ରଧାନ ଶିକ୍ଷୟିତ୍ରୀ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀ ନଳିନୀ ମିଶ୍ର, ଶିକ୍ଷକ ରଞ୍ଜୀବ ରାଉତ ଓ ଦୀପ୍ତିରଞ୍ଜନ ଖିଲାର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରେବତୀ କହଁର, ସୁମତି ସାହୁ, ସୁକାନ୍ତି ଖୁଣ୍ଟିଆ, ବିନୋଦିନୀ ସ୍ୱାଇଁ, ନମିତା ମହାପାତ୍ର, କନକ ମୁଣ୍ଡା, ପ୍ରଦୀପ ବିଶ୍ୱାଳ, ପଞ୍ଚାନନ ନାୟକ ଓ ଦେବକୀ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ। ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

### ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ବାସୁଦେବପୁର, ୯।୧(ଡି.ଏନ.ଏ.):** ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ ପରିସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ଉପରେ ଅତ୍ୟାଚାର ଓ ହିଂସାକୁ ବନ୍ଦ କରାଯିବା ସହ ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ଆବଶ୍ୟକତା ରହିଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସିଡିପିଓ ଜାନକୀ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଶିଶୁ ମଙ୍ଗଳ କମିଟି ସଦସ୍ୟ ସତ୍ୟସୁନ୍ଦର ପୁହାଣ, ବ୍ଲକ ଉପାଧକ୍ଷ ସୁଶାନ୍ତ ବିଶ୍ୱାଳ, ପ୍ରଶିକ୍ଷକ ଅନନ୍ତ ଗୋପାଳ ଦାସ ପ୍ରମୁଖ ଶିଶୁ ସୁରକ୍ଷା ଉପରେ ମତ ରଖିଥିଲେ। ବାହ୍ୟ କର୍ମୀ ଦମୟନ୍ତୀ ଦାସ ସ୍ୱାଗତ ବକ୍ତବ୍ୟ ଓ ମହେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବ୍ରାହ୍ମଣଗାଁ, ଗୁଆଗଡ଼ିଆ, ଜଗନ୍ନାଥପ୍ରସାଦ, ବିନାୟକପୁର ପଞ୍ଚାୟତର ସରପଞ୍ଚ ଓ ସେମାନଙ୍କ ପ୍ରତିନିଧି ଯୋଗ ଦେଇଥିଲେ।

### ରାଜା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ
### ବାସୁଦେବ ନଗର ଚାମ୍ପିୟନ

**ଧାମନଗର, ୯।୧(ଡି.ଏନ.ଏ.):** ଧାମନଗର ବ୍ଲକ ଫଳପୁର ଦପା ପଡ଼ିଆରେ ଚାଲିଥିବା ରାଜା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ଏନଜିସିଟିକୁ ହରାଇ ବାସୁଦେବ ନଗର ବିବିସିସି ଟିମ୍ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୧୨ ଓଭର ଖେଳରେ ପ୍ରଥମେ ମଙ୍ଗଳପୁର ଟିମ୍ ସମସ୍ତ ଉଇକେଟ ହରାଇ ୪୨ ରନ୍ କରିଥିଲା। ବାସୁଦେବ ନଗର ଟିମ୍ ୪ ଓଭରରେ ୪୩ ରନ୍ କରି ବିଜୟୀ ହୋଇଥିଲା। ବାସୁଦେବ ନଗର ଟିମ୍‌ର ବବୁଲ ମଲ୍ଲିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷାଣା କରାଯାଇଥିଲା। ଉତ୍ତମ ମହାନ୍ତି ଓ ତପନ ଜେନା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦୀପ ମହାପାତ୍ରଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ସଭା ହୋଇଥିଲା। ଅତିଥି ଭାବେ ବିଧାୟକ ବିଷ୍ଣୁ ସେଠୀ, ଅତିରିକ୍ତ ତହସିଲଦାର ଲଗନଜିତ ବେହେରା, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ଚତୁର୍ଭୁଜ ନାୟକ ଓ କ୍ଷୀରୋଦ ମହାନ୍ତି ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ୨୨ ମହଣର ପଥର ବଖାଣୁଛି ବୀରତ୍ୱ ଗାଥା


ରାଜାଙ୍କ ଘର ସାମ୍ନାରେ ପଡ଼ିରହିଥିବା ପଥର।

**ନାରାୟଣ ଚନ୍ଦ୍ର ବାରିକ**
**ବାସୁଦେବପୁର, ୯।୧(ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର ଏକ ଐତିହ୍ୟ ସମ୍ପନ୍ନ ଅଞ୍ଚଳ। କଥିତ ଅଛି, ମଧ୍ୟଯୁଗରେ ବାସୁଦେବପୁର ଏକ ପ୍ରଗଣା ଭାବେ ଗଢ଼ି ଉଠିଥିଲା। ବର୍ତ୍ତମାନର ବାସୁଦେବପୁର ସହରର ଅଂଶବିଶେଷ ଭେଡ଼ାଆଙ୍କୁଡ଼ାରେ ଥିଲା ରାଜଉଆସ। ରାଜା ଶାସନର ଅବସାନ ପରେ ରାଜଉଆସର ଆଉ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। ତେବେ ଅତୀତର ଗଡଖାଇ ସମେତ ଆଖଡ଼ାଶାଳ, ମଲ୍ଲମାନଙ୍କ ବସବାସ ଲାଗି ଗଢ଼ି ଉଠିଥିବା ମଲ୍ଲସାହି(ମାଲୁସାହି), ସାଆନ୍ତାଣୀ ପୋଖରୀ, କଚେରିବାଡ଼ି, କେତେକ ଦେବଦେବୀ ମନ୍ଦିର ଓ ରାଜାଙ୍କ ଘର ସାମ୍ନାରେ ପଡ଼ିଥିବା ୨୨ ମହଣ ଓଜନର ପଥର ରାଜଉଆସର ମୂକସାକ୍ଷୀ ହୋଇ ରହିଛି। ୨୨ ମହଣ ଓଜନର ପଥର ବଖାଣୁଛି ରାଜଶାସନ ସମୟର ବୀରତ୍ୱର ଗାଥା।

ବାସୁଦେବପୁର ସହରଠାରୁ ପ୍ରାୟ ଅଧ କି.ମି. ଦୂରରେ ଥିବା ଗଡଖାଇ ଏବେ ଅଧାପୋତା ଅବସ୍ଥାରେ। ଏଠାକାର ରାଜବଂଶର ପ୍ରଥମ ରାଜା ଥିଲେ ବାସୁଦେବ ସୁଢ଼ଳଦେବ ହରିଚନ୍ଦନ ଭୂୟାଁ ଚୌଧୁରୀ। ତାଙ୍କ ନାମ ଅନୁସାରେ ଏହି ଅଞ୍ଚଳର ନାମ ବାସୁଦେବପୁର ହୋଇଥିବା ଐତିହାସିକମାନେ ମତ ଦିଅନ୍ତି। ଏହି ରାଜବଂଶର ପ୍ରଥମ ରାଜାଙ୍କଠାରୁ ଏହାମଧ୍ୟରେ ୯ ପିଢ଼ି ଉତ୍ତରାଧିକାରୀଙ୍କ ଦେହାନ୍ତ ହୋଇଥିବା ନେଇ ରାଜ ପରିବାର ସୂତ୍ରରୁ ମିଳିଥିବା ବଂଶାନୁକ୍ରମିକ ବିବରଣୀରୁ ଜଣାପଡ଼ିଛି। ଗତ ସପ୍ତାହରେ ଏହି ରାଜବଂଶର ୯ମ ରାଜା ଚୌଧୁରୀ ଉଦୟ ନାରାୟଣ ରାୟଙ୍କ ଦେହାନ୍ତ ହୋଇଛି। ବାସୁଦେବପୁରର ଐତିହ୍ୟ ଗୌରବାବହ ହୋଇଥିଲେ ମଧ୍ୟ ଏହାର ସୁରକ୍ଷା ଲାଗି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗଡ଼ଖାଇ ମଧ୍ୟବର୍ତ୍ତୀ ଅଞ୍ଚଳରେ ପଡ଼ି ରହିଥିବା ୨୨ ମହଣ ଓଜନର ପଥରକୁ ନେଇ ଏକ ରୋଚକ ଜନଶ୍ରୁତି ରହିଛି। ରାଜା ଶାସନ ସମୟରେ ମଲ୍ଲଯୁଦ୍ଧ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା।

**ଅନ୍ଧାରରେ ହଜିଛି ଅତୀତ**

ଦୈନନ୍ଦିନ କୁସ୍ତି କସରତ ଅଭ୍ୟାସ କରାଯାଉଥିଲା। ବୀରତ୍ୱ ପ୍ରଦର୍ଶନ କ୍ଷେତ୍ରରେ ଏହି ରାଜବଂଶର ଯଥେଷ୍ଟ ପ୍ରାଧାନ୍ୟ ରହିଥିଲା। ପୂର୍ବରୁ ରାଜାଙ୍କ ଆଖଡ଼ାଶାଳରେ ଥିବା ୨୨ ମହଣ ଓଜନର ଗୋଲାକୃତି ମାଙ୍କଡ଼ା ପଥରକୁ ରାଜା ଓ ମଲ୍ଲଯୋଦ୍ଧାମାନେ ଛାତିରେ ରଖି, ଉଠାପକା କରି ଶକ୍ତି ପ୍ରଦର୍ଶନ କରୁଥିଲେ। ଏହାକୁ ଶୁଭପଥର ଭାବେ ଗଣା ଯାଉଥିଲା। ଜନଶ୍ରୁତି ଅଛି ଯେ ରାଜଉଆସ ନିକଟବର୍ତ୍ତୀ ଗ୍ରାମ ଭୈରବପୁରର ବାଳା ଅଗସ୍ତୀ ନାମକ ଜଣେ ବ୍ରାହ୍ମଣ ରାଜପୁରୋହିତ ଥିଲେ। ତାଙ୍କ ପୁତ୍ର ଗୋପାଳ ବେଶ୍ ହୃଷ୍ଟପୁଷ୍ଟ ଓ ଶକ୍ତିମାନ ଥିଲେ। ସେ ଅବିବାହିତ ଥିଲେ। ଯୁବକ ଗୋପାଳଙ୍କ ବୀରତ୍ୱ କଥା ଶୁଣି ରାଜା ଚୌଧୁରୀ ବଳଭଦ୍ରରାୟ ତାଙ୍କୁ ଆଖଡ଼ାଶାଳକୁ ଡକାଇ ଶକ୍ତି ପ୍ରଦର୍ଶନ କରିବାକୁ କହିଥିଲେ। ଗୋପାଳ ନିଜ ଶକ୍ତି ପ୍ରଦର୍ଶନ କରି ସେହି ପଥରକୁ ଉଠାଇ କାନ୍ଧରେ ବୋହି ଏକାକୀ ଆଖଡ଼ାଶାଳରୁ ରାଜାଙ୍କ ଉଆସ ସାମ୍ନା ବଉଳପୋଖରୀ ଆଡ଼ିକୁ ଆଣି ୨୨ ହାତ ଦୂରକୁ ଫୋପାଡ଼ି ଦେଇଥିଲେ। ଗୋପାଳଙ୍କ ଏଭଳି ବୀରତ୍ୱ ଦେଖି ରାଜା ଖୁସିରେ ତାଙ୍କୁ ୨୨ ମାଣ ଜମି ଦାନ କରିଥିଲେ। ଗୋପାଳଙ୍କର ବଂଶଧରମାନେ ପିଢ଼ି ଅନୁସାରେ ଏହି ଜମିକୁ ଭୋଗ ଦଖଲ କରି ଆସୁଛନ୍ତି। ଏହି ପଥର ସେବେଠାରୁ ଆଉ ଆଖଡ଼ାଶାଳକୁ ଫେରିପାରି ନାହିଁ, ଯାହାକି ରାଜା ଉଆସ ସାମ୍ନା ଏକ ପାର୍ଶ୍ୱରେ ପଡ଼ିରହିଛି। ଏହି ପଥର ରାଜ ପରିବାରର ଗର୍ବ ଓ ବୀରତ୍ୱର ପ୍ରତୀକ ବୋଲି ରାଜ ପରିବାରର ବଂଶଧର ଚୌଧୁରୀ ପ୍ରସନ୍ନ କୁମାର ରାୟ କହିଛନ୍ତି। ଅତୀତର ଏସବୁ ସ୍ମାରକୀର ସୁରକ୍ଷା ଲାଗି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତି ମଧୁସୂଦନ ମହାନ୍ତି, ମୃତ୍ୟୁଞ୍ଜୟ ଅଗସ୍ତୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁଃଶାସନ ରାଉତଙ୍କ ସମେତ ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ କହିଛନ୍ତି, ଅତୀତ କୀର୍ତ୍ତିରାଜିର ସୁରକ୍ଷାର ଆବଶ୍ୟକତା ରହିଛି। ସେ ନୂତନ ଭାବେ ଯୋଗ ଦେଇଥିବାରୁ ଏ ବିଷୟରେ ବିଶେଷ ଅବଗତ ନାହାନ୍ତି। ତେବେ ପ୍ରଶାସନ ପକ୍ଷରୁ ଅନୁସନ୍ଧାନ କରାଯାଇ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧାମନଗର, ୯।୧(ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁଚରଣ ସେଠୀ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷିତ କରାଇବାରେ ଆଦର୍ଶ ଶିକ୍ଷାନୁଷ୍ଠାନ ଏବଂ ଅଭିଭାବକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ ପବିତ୍ର ମୋହନ ବାରିକ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମ୍ବାଗ କୋଷାଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଉପଦେଷ୍ଟା ଉତ୍କଳ ଭୂଷଣ ନାୟକ ଯୋଗ ଦେଇଥିଲେ। ସହ ପ୍ରଧାନଆଚାର୍ଯ୍ୟା କାମିନୀଲତା ବେହେରା ସଂଯୋଜନା ଓ ସଭାପତି ଶ୍ରୀକାନ୍ତ ସାହୁ ଅଧକ୍ଷତା କରିଥିଲେ। ସମ୍ପାଦକ ସନ୍ତୋଷ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ନିତ୍ୟାନନ୍ଦ ପତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ଶିଶୁଶକ୍ତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜାତୀୟସ୍ତରୀୟ ପୁରସ୍କୃତ ତଥା ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ରୀ କ୍ରିତିକ୍ରିଷ୍ଣା ପଣ୍ଡାଙ୍କୁ ଚିତ୍ରକଳା ପାରଦର୍ଶିତା ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ୨ଶହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସହର ସୌନ୍ଦର୍ଯ୍ୟକରଣକୁ ସ୍ୱାଗତକଲା ବଣିକ ସଂଘ


ବନ୍ଧୁମିଳନ ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

**ଭଦ୍ରକ ଅଫିସ,୯।୧**

ଭଦ୍ରକ ସହରକୁ ସ୍ମାର୍ଟସିଟି କରାଯିବା ପାଇଁ ବିଧାୟକ ଓ ଜିଲା ପ୍ରଶାସନ ଦ୍ୱାରା ହୋଇଥିବା ପ୍ରାରମ୍ଭିକ ଉଦ୍ୟମକୁ କଚେରି ବଜାର ଭଦ୍ରକ ବଣିକ ସଂଘ ସ୍ୱାଗତ କରିଛି। ବାର୍ଷିକ ବନ୍ଧୁମିଳନ ଉତ୍ସବରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଘୋଷଣା କରିଛନ୍ତି। ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବଣିକ ସଂଘ ସଭାପତି ମହମ୍ମଦ ଅବଦୁଲ ବାରୀ, ସମ୍ପାଦକ ସତେଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ପି ବକ୍ତବ୍ୟରେ କହିଥିଲେ, ଦୀର୍ଘବର୍ଷ ଧରି ବ୍ୟବସାୟ କରିଆସୁଥିବା ବ୍ୟବସାୟୀଙ୍କୁ ସହର ସୌନ୍ଦର୍ଯ୍ୟକରଣ ନାଁରେ ବେଘର କରାଯିବ ନାହିଁ। ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ କରାଯିବ। ବିଧାୟକ ମଲ୍ଲିକ ବ୍ୟବସାୟୀମାନଙ୍କ ସହଯୋଗ ଲୋଡ଼ିବା ସାଙ୍ଗକୁ ଥଇଥାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କହିଥିଲେ। ବିଭିନ୍ନ ଛକରେ ସ୍ୱତନ୍ତ୍ର ମାର୍କେଟ କମ୍ପ୍ଲେକ୍ସ କରାଯାଇ ବ୍ୟବସାୟୀଙ୍କୁ ଥଇଥାନ କରାଯିବାକୁ ଯୋଜନା ହୋଇଥିବା ସେ ଜଣାଇଥିଲେ। ଏମ୍‌ଆର୍‌ଆଇ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ବଣିକ ସଂଘ ଦ୍ୱାରା ସହରରେ କରାଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ, ଗ୍ରୀଷ୍ମଦିନରେ ଜଳ ବଣ୍ଟନ, ଜାତୀୟ ଉତ୍ସବ ପାଳନ ସମୟରେ ସହରରେ ଦେଶାତ୍ମବୋଧକ ସଙ୍ଗୀତ ବଜାଇବା ଓ ଆଲୋକୀକରଣ କରାଇବା ଓ ଧର୍ମୀୟ ଶୋଭାଯାତ୍ରାରେ ସହଯୋଗ କରିବା ଏଭଳି ଅନେକ କାର୍ଯ୍ୟର ଟିପ୍ପଣୀ ରଖିଥିଲେ ସମ୍ପାଦକ ଦାସ। ବନ୍ଧୁମିଳନ ଉତ୍ସବରେ ଶତାଧିକ ବ୍ୟବସାୟୀ ଯୋଗ ଦେଇଥିଲେ।

## ଗଞ୍ଜେଇ ଜବତ: ୨ ଗିରଫ

**ବାସୁଦେବପୁର/ଧାମନଗର, ୯।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ଧାମନଗର ଥାନା ଅଞ୍ଚଳରୁ ପୋଲିସ ଗଞ୍ଜେଇ ଜବତ କରିଥିବାବେଳେ ୨ ଯୁବକଙ୍କୁ ଗିରଫ କରିଛି। ବାସୁଦେବପୁର ଇରମ ରଥପଦା ଛକ ନିକଟରୁ ବୁଧବାର ପୋଲିସ ୧ କେଜିରୁ ଊର୍ଦ୍ଧ୍ୱ ଚୋରା ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଅଡ଼ୁଁଆ ଗ୍ରାମର କର୍ଣ୍ଣ ମଳିକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୪/୨୦) ରୁଜୁ କରାଯାଇଛି। କର୍ଣ୍ଣ ଚୋରାରେ ଗଞ୍ଜେଇ ବେପାର କରୁଥିବା ଜଣାପଡ଼ିବା ପରେ ତାଙ୍କୁ ପିଛା କରି ରଥପଦା ଛକଠାରୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ବାସୁଦେବପୁର ସହର ସମେତ ଆଖପାଖ ଅଞ୍ଚଳରେ ଚୋରା ଗଞ୍ଜେଇ ବେପାର ବୃଦ୍ଧି ପାଉଥିବାବେଳେ ଅବକାରୀ ବିଭାଗ ହାତବାନ୍ଧି ବସିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଧାମନଗର ଥାନା ପୋଲିସ କଲ୍ୟାଣୀ ଗ୍ରାମ ଛକରୁ ଜଣେ ଯୁବକଙ୍କ ପାଖରୁ ଗଞ୍ଜେଇ ଜବତ ସହ ତାଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଅଶୋକ ବେହେରା। ପୋଲିସ ପାଟ୍ରୋଲିଂରେ ଯାଇଥିବାବେଳେ ଏହି ଛକରେ ନିଶା କାରବାର ଅଭିଯୋଗରେ ୩ ଯୁବକଙ୍କୁ ଥାନାକୁ ଉଠାଇ ଆଣିଥିଲା। ସେମାନଙ୍କ ମଧ୍ୟରୁ ଅଶୋକଙ୍କ ନିକଟରୁ ପୋଲିସ କିଛି ଗଞ୍ଜେଇ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୪/୨୦) ରୁଜୁ କରାଯାଇ ଗିରଫ ଅଶୋକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# 'ଆଳୁ କଳାବଜାର ରୋକ' ଜିଲାପାଳଙ୍କୁ ଦାବିପତ୍ର


ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୯।୧**

ଆଳୁ କଳାବଜାର ରୋକିବା ତଥା ଅହେତୁକ ଦର ବୃଦ୍ଧି ନିୟନ୍ତ୍ରଣ ପାଇଁ ଭଦ୍ରକ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉ ବୋଲି ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଭା ପକ୍ଷରୁ ପ୍ରକାଶଜ୍ୟୋତି ମହାକୁଡ଼ଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛି। ନୂତନବର୍ଷ ଆରମ୍ଭ ହେଉହେଉ ହଠାତ୍ ଆଳୁର ଦର ଆକାଶଛୁଆଁ ହୋଇଗଲାଣି। ପୁରୁଣା ଆଳୁକୁ ଗୋଦାମରେ ଦୀର୍ଘଦିନ ଧରି ମହଜୁଦ ରଖି ଏବେ ବେପାରୀମାନେ ଚଢ଼ା ଦରରେ ବଜାରରେ ବିକ୍ରି କରୁଛନ୍ତି। ଏହି ସୁଯୋଗରେ ଦଲାଲମାନେ କଳାବଜାର ଆରମ୍ଭ କରିସାରିଲେଣି। ଫଳରେ ଭଦ୍ରକ ସହର ମଧ୍ୟରେ ୧ କିଲୋ ଆଳୁର ମୂଲ୍ୟ ୩୦ ଟଙ୍କା ଥିବାବେଳେ ଭଦ୍ରକ ଗ୍ରାମାଞ୍ଚଳ ଓ ଅନ୍ୟ ବ୍ଲକ ଅଞ୍ଚଳରେ ୩୫ରେ ପହଞ୍ଚିଛି। ଧୀରେ ଧୀରେ ପ୍ରତ୍ୟେକ ଦିନ ମୂଲ୍ୟ ବଢ଼ି ଚାଲିଛି। ସେପଟେ ପିଆଜ କିଲୋ କିଏ ୯୦ ଟଙ୍କାରେ ବିକୁଛନ୍ତି ତ ଆଉ କିଏ ୧୦୦ରେ ବିକୁଛନ୍ତି। ଏଣୁ କଳାବଜାର ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଜିଲା ଯୁବ ଯାଦବ ମହାସଭାର ଉପଦେଷ୍ଟା କାହ୍ନୁଚରଣ ବାରିକ, କଳ୍ପତରୁ ପରିଡ଼ା, ପ୍ରଦୀପ ବାରିକ, ଶରତ ମହାକୁଡ଼, ଉପସଭାପତି ଲିପିକା ବାରିକ, ବସନ୍ତ ଖିଲାର, ରଶ୍ମିରଞ୍ଜନ ମହାକୁଡ଼ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବାରିପଦା ୟୁନାଇଟେଡ୍ ବିଜୟୀ

**ବାସୁଦେବପୁର,୯।୧(ଡି.ଏନ.ଏ.)**

ବାସୁଦେବପୁର ସୁଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ବାରିପଦା ୟୁନାଇଟେଡ୍ କ୍ଲବ ୪-୦ ଗୋଲରେ ଆଳି ଆଥ୍‌ଲେଟିକ୍‌କୁ ହରାଇ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଷ୍ଟେଟବ୍ୟାଙ୍କ ଡେପୁଟି ମ୍ୟାନେଜର ଦିଲୀପ ବିଶ୍ୱାଳ ଏବଂ ଅନ୍ୟତମ ଅତିଥି ଭାଜପା ଜିଲା ଉପସଭାପତି ଅଶୋକ ସାହୁ, ଯୁବନେତା ଉଦୟ ନାରାୟଣ ମଳିକ ଯୋଗ ଦେଇଥିଲେ। କ୍ଲବ ସଭାପତି ଗୌରାଙ୍ଗ ବେହେରା ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

### ମହାବୀର କପ୍ କ୍ରିକେଟ
# ଫାଇନାଲରେ ଯାଜପୁର ରୋଡ୍ ଏକାଡେମୀ

**ଭଣ୍ଡାରିପୋଖରୀ, ୯।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ୨୩ତମ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ରେଡଷ୍ଟାରକୁ ହରାଇ ଯାଜପୁର ରୋଡ୍ ଏକାଡେମୀ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ରେଡଷ୍ଟାର ଟସ୍ ଜିତି ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଦଳ ପକ୍ଷରୁ ସାଗର ସ୍ୱାଇଁ ୪୭ ବଲରେ ୭୪ ଓ ଆଶିଷ ପ୍ରଧାନ ୧୮ ବଲରେ ୨୪ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଏସ୍‌କେ ସାହାବୁଦ୍ଦିନ ୫ ଓଭର ୨୨ ରନ୍ ଦେଇ ୪ ଉଇକେଟ ପାଇଥିଲେ। ଜବାବରେ ଯାଜପୁର ରୋଡ୍ ଏକାଡେମୀ ୨୧.୧ ଓଭରରେ ୮ ଉଇକେଟ୍ ହରାଇ ୧୮୦ ରନ୍ କରିବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଙ୍କୁଶ ମହାନ୍ତି ୩୭ ବଲରେ ୬୪ ରନ୍ ଓ ଅଙ୍କିତ ପଣ୍ଡା ୧୬ ବଲରେ ୩୯ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ସତ୍ୟ ପାଢ଼ୀ ୪ ଓଭର ୨୯ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅଙ୍କିତ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଦୁର୍ଗା ପଟ୍ଟନାୟକ ଓ କାଳନ୍ଦୀ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଭୁକଲ୍ୟାଣ ସାମଲ, ମହେଶ୍ୱର ରାଉତ ଓ ରାଜକିଶୋର ପଣ୍ଡା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ରେଫରୀ ଭାବେ ମାନସ ରଞ୍ଜନ ପଣ୍ଡା ଥିଲେ।


ଅଙ୍କିତ ପଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

### ■ ସରକାରୀ ଚାଉଳ ଜବତ ଘଟଣା
# କ୍ଲିନ୍‌ଚିଟ୍ ଦେଲା ଯାଞ୍ଚ କମିଟି

**ତିହିଡି,୯।୧(ଡି.ଏନ.ଏ.)**

■ ୪ ଘଣ୍ଟା ଧରି ଚାଲିଲା ଯାଞ୍ଚ
■ ଘରୋଇ ଗୋଦାମରେ ଚାଉଳ ରହିବା ନେଇ ହେବ ତଦନ୍ତ

ଭଦ୍ରକ ଜିଲା ତିହିଡ଼ି ବଜାରରୁ ୧୨୦ କୁଇଣ୍ଟାଲ ସରକାରୀ ଚାଉଳ ଜବତ ଘଟଣାର ତଦନ୍ତ ପରେ ଯାଞ୍ଚ କମିଟି କ୍ଲିନଚିଟ୍ ଦେଇଛି। ଗୁରୁବାର ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୪ ଘଣ୍ଟା ଧରି ତଦନ୍ତ କରାଯିବା ପରେ ଚାଉଳ ଠିକ୍ ଥିବା ଜଣାପଡ଼ିଥିଲା। ଜବତ ହୋଇଥିବା ଚାଉଳ ଶିଶୁ ବିକାଶ ଯୋଜନାର ବୋଲି ଯାଞ୍ଚ କମିଟି ସ୍ପଷ୍ଟ କରିଛି। ଚାଉଳ ଘରୋଇ ଗୋଦାମରେ କାହିଁକି ରଖାଯାଇଥିଲା ତାହାର ତଦନ୍ତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ଉଲ୍ଲେଖନୀୟ ଯେ, ତିହିଡ଼ି ବଜାରସ୍ଥିତ ଏକ ବ୍ୟକ୍ତିଗତ ଘର ସାମ୍ନାରୁ ୨ଟି ଟ୍ରକରେ ବୋଝେଇ ହୋଇଥିବା ସରକାରୀ ଚାଉଳକୁ ଗତ ୪ ତାରିଖରେ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ସନ୍ଦେହରେ ଅଟକ ରଖିଥିଲେ। ପରେ ଗାଡ଼ିରେ ଥିବା ୧୨୦ କୁଇଣ୍ଟାଲ ଚାଉଳ ଜବତ କରାଯାଇ ଥାନାରେ ଜିମା ଦିଆଯାଇଥିଲା। ଏହାଛଡ଼ା ପୂର୍ବରୁ ମଧ୍ୟ ଚାଉଳ ଥିବା ସେହି ବ୍ୟକ୍ତିଗତ ଗୋଦାମକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଥିଲା। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ମଙ୍ଗଳବାରଠାରୁ ଭାଜପା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଗଣଧାରଣା ଦେଇଥିଲା। ଚାଉଳ ତଦନ୍ତ ପାଇଁ ୫ ଜଣିଆ ଏକ କମିଟି ଗଠନ କରାଯାଇଥିଲା। ସୋମବାର କମିଟିର ବୈଠକ ପରେ ଗୁରୁବାର ଚାଉଳ ତଦନ୍ତ କରାଯିବ ବୋଲି ସ୍ଥିର ହୋଇଥିଲା। ତଦନୁଯାୟୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷକ ହରିପ୍ରିୟା ସାହୁ ଓ ସିଡିପିଓ ଇନ୍ଦୁରେଖା ନାୟକ ଘଟଣାର ତଦନ୍ତ କରିଛନ୍ତି। କାଗଜପତ୍ର ଅନୁଯାୟୀ ୮୪୦ ବସ୍ତା ଚାଉଳ ଗୋଦାମରେ ମହଜୁଦ ରହିବା କଥା। ତଦନ୍ତ ବେଳେ ମାତ୍ର ୫ ବସ୍ତା ଚାଉଳ ଅଧିକ ଥିବା ଜଣାପଡ଼ିଥିଲା। କୌଣସି ଅନିୟମିତତା ପରିଲକ୍ଷିତ ହୋଇ ନ ଥିବାରୁ ଯାଞ୍ଚ କମିଟି ପକ୍ଷରୁ କ୍ଲିନଚିଟ ଦିଆଯାଇଛି। ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଥିଲାବେଳେ ଗୁରୁବାର ମଧ୍ୟ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଭାଜପା ନେତା ଓ କର୍ମୀମାନେ ଧାରଣା ଦେଇଥିଲେ। ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ମଣ୍ଡଳ ସଭାପତି ପ୍ରଦୀପ ବଳ, ସାଧାରଣ ସମ୍ପାଦକ ପ୍ରତାପ ଜେନା, ରଘୁନାଥ ପାତ୍ର, ସମିତିସଭ୍ୟ ଶୁଭ୍ରନାରାୟଣ ସେଠୀ, ଅଜୟ ମହାପାତ୍ର, ସୁରେନ୍ଦ୍ର ନାୟକ, ନିଶିକାନ୍ତ ଭଞ୍ଜରାୟ ପ୍ରମୁଖ ଯାଞ୍ଚ ସମୟରେ ଉପସ୍ଥିତ ରହିଥିଲେ। ବ୍ୟକ୍ତିଗତ ଘରେ ଚାଉଳ କାହିଁକି ରଖାଯାଇଥିଲା ସେନେଇ ତଦନ୍ତ କରିବାକୁ ଦାବି ଜଣାଇଥିଲେ। ସେନେଇ ତଦନ୍ତ ହେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ କହିଛନ୍ତି।


ଗୋଦାମରେ ଯାଞ୍ଚ କମିଟି ତଦନ୍ତ କରୁଛି।

## ସଂକ୍ଷେପରେ

### ଚାଷୀଙ୍କୁ ହତ୍ୟା ଘଟଣା
### ଅଟକ ଅଭିଯୁକ୍ତ ଗିରଫ

ଧାମନଗର,୯।୧(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କାଞ୍ଜିଆପାଳ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟିଙ୍କୁ ହତ୍ୟା ଘଟଣାରେ ଥାନାରେ ଅଟକ ଥିବା ଅଭିଯୁକ୍ତ ଅଜୟ ରାଉତଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖନୀୟ ଯେ, ଗତ ରବିବାର ଏକ ନାଳରୁ ପୂର୍ଣ୍ଣଚନ୍ଦ୍ରଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ଧାମନଗର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଆଣି ତଦନ୍ତ କରି ସନ୍ଦେହରେ ଅଜୟଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ଏ ନେଇ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୨/୨୦) ରୁଜୁ କରାଯାଇଥିଲା।

### ଆନ୍ତଃ ଜିଲା ସାଧାରଣଜ୍ଞାନ ପ୍ରତିଯୋଗିତା

ଭଣ୍ଡାରିପୋଖରୀ, ୯।୧(ଡି.ଏନ.ଏ.)- ବିବେକାନନ୍ଦ ଯୁବସଂସଦ ଆନୁକୂଲ୍ୟରେ ବାର୍ଷିକ ଆନ୍ତଃ ଜିଲା ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଜୀବନ, ଆଦର୍ଶ ଓ ଭାରତୀୟ ଐତିହ୍ୟ ସଂସ୍କୃତି ସମ୍ପର୍କିତ ସାଧାରଣଜ୍ଞାନ ପ୍ରତିଯୋଗିତା ଓଡ଼ିଶାର ୭ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର ହୋଇଥିଲା। ଭଦ୍ରକ ଓ କେନ୍ଦୁଝର ଜିଲାକୁ ନେଇ ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରିରୋଡସ୍ଥିତ ନାଆଁମୀ ମହାବିଦ୍ୟାଳୟରେ ପ୍ରତିଯୋଗିତା ହୋଇଥିଲା। ଏହି କେନ୍ଦ୍ରରେ ୧୧୧ଜଣ ପରୀକ୍ଷାର୍ଥୀ ଭାଗ ନେଇଥିବା ବେଳେ ଭଦ୍ରକ ଜିଲାର ୫ଟି କଲେଜର ଛାତ୍ରୀଛାତ୍ର ଥିଲେ। ବିବେକାନନ୍ଦ ଯୁବସଂସଦର ରାଜ୍ୟ ସହ ଆବାହକ ତଥା କୋଷାଧକ୍ଷ ଅଧ୍ୟାପକ ବିନାୟକ ଘୋଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଧ୍ୟାପକ ବନମାଳୀ ପଣ୍ଡା, ସୋମନାଥ ପଣ୍ଡା, ବରିଷ୍ଠ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲିକ, ପ୍ରିୟକାନ୍ତ ସାହୁ, ଅକ୍ଷୟ ଯେନା, କରୁଣାକର ପାତ୍ର ଓ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏହାକୁ ଉଦ୍‌ଘାଟନ କରିଥିଲେ ଅଧକ୍ଷ ସନ୍ତୋଷ କୁମାର ସାହୁ। ଚକ୍ରଧର ଦାସ, ଗଜେନ୍ଦ୍ର ଦାସ, ହରିଶ ଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୯।୧(ସ୍ୱ.ପ୍ର.)-ଛାତ୍ରୀଛାତ୍ରଙ୍କ ମଧରେ ନୈତିକତା, ଶୃଙ୍ଖଳା ଜ୍ଞାନ ବୃଦ୍ଧି ସାଙ୍ଗକୁ ସେମାନଙ୍କୁ ସଂସ୍କୃତିସମ୍ପନ୍ନ କରାଗଲେ ସମାଜର ସାମଗ୍ରିକ ବିକାଶ ଘଟିପାରନ୍ତା। ଏ ଦିଗରେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧୀନ ମାଧବଚନ୍ଦ୍ର ହାଇସ୍କୁଲର ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ର ବଦ୍ରିନାରାୟଣ ପଣ୍ଡା, ରାଜ୍ୟ କବାଡିରେ ସନ୍ତୋଷ କୁମାର ଜେନା, ମାଟ୍ରିକ୍‌ରେ ସର୍ବାଧିକ ନମ୍ବର ରଖିଥିବା ପ୍ରିୟଦର୍ଶିନୀ ସାମଲ, ଓଡିଆରେ ସର୍ବାଧିକ ନମ୍ବର ରଖିଥିବା ସ୍ୱାଗତିକା ଜେନା ଓ ମୋନାଲିସା ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ ଏଥିରେ ଅଧକ୍ଷତା କରିଥିଲେ। ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ. ବିବେକାନନ୍ଦ ସାହୁ ମୁଖ୍ୟଅତିଥି, ଗୋପୀମୋହନପୁର ସରପଞ୍ଚ ରବୀନ୍ଦ୍ର ଜେନା, ଏବିଇଓ ସୁଶାନ୍ତ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବନବିହାରୀ ଦାସଅଧିକାରୀ, ପରିଚାଳନା କମିଟି ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଶରତ କୁମାର ପ୍ରଧାନ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ଜାମ୍‌ରେ ଫସିଲା ସ୍କୁଲ୍ ବସ୍

ଯୋଡ଼ା,୯।୧(ଡି.ଏନ.ଏ.)



ଟ୍ରାଫିକ ଜାମ୍‌ରେ ଫସିରହିଥିବା ସ୍କୁଲବସ୍।

କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନର ନିର୍ଦ୍ଦେଶକୁ ମାନୁ ନ ଥିବାରୁ ଏହି ଟ୍ରାଫିକ ସମସ୍ୟା ସୁଧୁରି ପାରୁନାହିଁ। ଏହି ଟ୍ରାଫିକ ସମସ୍ୟାର ନିରାକରଣ

**ଛାତ୍ରୀଛାତ୍ର ହଇରାଣ**

ପାଇଁ ଜିଲାପାଳ ଘନ ଘନ ବୈଠକ କରି ନିର୍ଦ୍ଦେଶ ଦେଉଥିଲେ ହେଁ ଏହାକୁ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି। ଗୁରୁବାର ପୂର୍ବାହ୍ନ ସମୟରେ ବିଲେଇପଦା ଫାଣ୍ଡି ଅନ୍ତର୍ଗତ ତଥା ୫୨୦ନଂ ଜାତୀୟ ରାଜପଥର ଲହଣ୍ଡାଠାରେ ଟ୍ରାଫିକ ସମସ୍ୟା ଅତି ଜଟିଳ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ସାଧାରଣ ବାଇକ୍‌ଠାରୁ ଆରମ୍ଭ କରି, ଛୋଟ ଯାନବାହନ, ଯାତ୍ରୀବାହୀ ବସ୍, ଟ୍ରକ, ଏପରି କି ଗୋଟିଏ ସ୍କୁଲ୍ ବସ୍ ଦୀର୍ଘ ସମୟ ଧରି ଏହି ଟ୍ରାଫିକ ଜାମ୍‌ରେ ଫସି ରହିଥିଲା। ଫଳରେ କୁନି ଛାତ୍ରୀଛାତ୍ରମାନେ ସ୍କୁଲ୍‌ରେ ଠିକ୍ ସମୟରେ ପହଞ୍ଚି ନ ପାରି ବସ୍ ଭିତରେ ଦୀର୍ଘ ସମୟ ବସି ରହିଥିବାରୁ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ଖଣି କମ୍ପାନୀଗୁଡ଼ିକ ଘରୋଇ ସୁରକ୍ଷାକର୍ମୀଙ୍କ ଦ୍ୱାରା ଏହି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ତଥା ଶୃଙ୍ଖଳିତ କରିବା ପାଇଁ ନିୟୋଜିତ କରାଯାଇଥିଲେ ହେଁ, ଏହାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ । ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥରେ ଦୈନିକ ହେଉଥିବା ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ କରିବା ପାଇଁ ନିୟୋଜିତ ଥିବା ଘରୋଇ ସୁରକ୍ଷା କର୍ମୀଙ୍କ କାର୍ଯ୍ୟରେ ଅବହେଳା ହେତୁ ଏହି ସମସ୍ୟା ଉପୁଜୁଥିବା ଯାତ୍ରୀ ରାଜେଶ ବେହେରା, ଶମ୍ଭୁନାଥ ମହାକୁଡ, ଦିଲୀପ ନାଏକ, ଉଗ୍ରସେନ ବେହେରା ଓ ଶ୍ରୀମୟୀ ନାୟକ ପ୍ରମୁଖ ଅଭିଯୋଗ କରିଥିଲେ । ତେବେ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଥିଲେ ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି

କେନ୍ଦୁଝର, ୯।୧ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ମହକୁମାରେ ୭୧ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଗୁରୁବାର ଅପରାହ୍ନରେ ଦରବାର ହଲ୍‌ଠାରେ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଠାକରେ ଆଗାମୀ ସାଧାରଣତନ୍ତ୍ର ଦିବସକୁ ବିପୁଳ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦ୍ଦୀପନାର ସହ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନର ରୂପରେଖ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପ୍ରତ୍ୟୁଷରେ ରାମଧୂନ ପ୍ରଚାର, ସକାଳେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ ଘଟିକାରୁ ଘ ୭.୩୦ ମି ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିଗତ କୋଠାବାଡିମାନଙ୍କରେ ଜାତୀୟପତାକା ଉତ୍ତୋଳନ, ସକାଳ ୮ ଘଟିକା ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କରାଯିବ। ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍, ଅପରାହ୍ନରେ ନଗରଭବନଠାରେ କବିତା ପାଠୋତ୍ସବ ଏବଂ ସନ୍ଧ୍ୟାରେ ନଗର ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସାଧାରଣତନ୍ତ୍ର ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଆଦି ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ ପରିଡ଼ା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଆଇଏଏସ୍ ପ୍ରୋବେସନର୍ ଜେ.ସୋନାଲ, ଆର୍‌ଆଇଅଫ ପୋଲିସ୍ ବିମଳ ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରି ସାଧାରଣତନ୍ତ୍ର ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମତାମତ ପ୍ରଦାନ କରିଥିଲେ।

### ସବୁଜ ବନାନୀ କାର୍ଯ୍ୟକ୍ରମ

ରସାଳପୁର, ୯।୧(ଡି.ଏନ.ଏ.)-ରେମୁଣା ବ୍ଲକ ଗେଙ୍ଗୁଟି ପଞ୍ଚାୟତର ପାଛୁଡ଼ିଆ ଗ୍ରାମରେ ବିଜୁ ଯୁବ ବାହିନୀ ଦ୍ୱାରା ସବୁଜ ବନାନୀ କାର୍ଯ୍ୟକ୍ରମକୁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଶୁଭାରମ୍ଭ କରିଛନ୍ତି। ଗଛ ଲଗାଇ ସବୁଜିମା ବଢ଼ାଇବା ଆହ୍ୱାନରେ ସ୍ଥାନୀୟ ଅଞ୍ଚଳବାସୀ ମିଳିତ ଭାବେ ପାଛୁଡ଼ିଆ ଗ୍ରାମର ଦୁର୍ଗାମଣ୍ଡପଠାରୁ ସାଉଁ ରାସ୍ତାର ଉଭୟପାର୍ଶ୍ୱରେ ଶହେରୁ ଊର୍ଦ୍ଧ୍ୱ ବଉଳ, ଅଶ୍ୱତଥ, ଆମ୍ବ, ନିମ୍ବ, ପଟାସ ଭଳି ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ଗଛ ଲଗାଇଛନ୍ତି। ବିଜେଡି ଜିଲା ଅନୁସୂଚିତ ଜାତି ଶାଖା ସଭାପତି ଶତ୍ରୁଘ୍ନ ମଲ୍ଲିକ, ବିଜେଡି ଗେଙ୍ଗୁଟି ପଞ୍ଚାୟତ ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ସରକାରୀ ଆଇନଜୀବୀ ବିଜୟ ଦାସ, ବିଜୁ ଯୁବ ବାହିନୀ ପଞ୍ଚାୟତ ସଂଯୋଜକ ରାକେଶ ସାମଲ, ସଦସ୍ୟ ବଟକୃଷ୍ଣ ରାଉତ, କମଳାକାନ୍ତ ପରିଡ଼ା, ଉମାଶଙ୍କର ରାଉତ, ଅଭିଷେକ ସ ଓ ଭବେଶ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଗଛଗୁଡ଼ିକର ସୁରକ୍ଷା ପାଇଁ ବାଉଁଶ ଓ ଜାଲ ଦ୍ୱାରା ଘେରା ଯିବା ସହ ପାଣି ଦେବା ପାଇଁ ବିଜୁ ଯୁବ ବାହିନୀର ସଦସ୍ୟ ମାନଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି।

ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

# ଏ ମାଟିକୁ ଗୌରବମଣ୍ଡିତ କରିଛି ଐତିହ୍ୟ, ସଂସ୍କୃତି


ବିଧାୟକଙ୍କ ଦ୍ୱାରା ସାଂସ୍କୃତିକ ମହୋତ୍ସବକୁ ଉଦ୍‌ଘାଟନ କରାଯାଉଛି।

ଭଦ୍ରକ ଅଫିସ,୯।୧

ସଂଗ୍ରାମ ଐତିହ୍ୟର ମାଟି ଭଦ୍ରକ। ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକର ଅବଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏ ମାଟିକୁ ଗୌରବମଣ୍ଡିତ କରିଛି ସଂସ୍କୃତି ଓ ଐତିହ୍ୟ। ଯାହା ଯୁଗେ ଯୁଗେ ସ୍ମରଣୀୟ ହୋଇରହିବ। ଏହି ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଏପରି ସାଂସ୍କୃତିକ ମହୋତ୍ସବ ଆୟୋଜନ ପ୍ରଶଂସାଯୋଗ୍ୟ ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଥିଲେ। ନେହେରୁ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଏବଂ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କଳା, ସଂସ୍କୃତି ଓ ସାହିତ୍ୟକୁ ଭଦ୍ରକର ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। କମିଟିର ଉପଦେଷ୍ଟା ଅତିଶ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ବିବରଣୀ ପାଠ କରି ଜିଲାର ୪୭ଟି ସାଂସ୍କୃତିକ ସଙ୍ଗଠନର କଳାକାର ୧୧ଦିନ ବ୍ୟାପୀ ଏହି ଉତ୍ସବରେ ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବେ ବୋଲି କହିଥିଲେ। ଉପସଭାପତି ମନୋରମା ରାୟ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ମିଡିଆ ସେଲ୍ ମୁଖ୍ୟ ଅବିନାଶ ପଣ୍ଡା, ସାଂସ୍କୃତିକ ସଂଯୋଜକ ପ୍ରଭାତ ଜେନା, ସମ୍ପାଦକ ବି. ପୀତାମ୍ବର ରେଡ୍ଡୀ, ରଶ୍ମିତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଇ ନୃତ୍ୟ ଏକାଡେମୀ, ଉତ୍ସବ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୨୩ରେ 'ରନ୍ ଫର ଖଇରା'

ଖଇରା, ୯।୧(ଡି.ଏନ.ଏ.)


ପଳସା ପଞ୍ଚାୟତରେ ଆୟୋଜିତ ପ୍ରସ୍ତୁତି ବୈଠକ ।

ଯୁବଗୋଷ୍ଠୀ ମଧ୍ୟରେ ନୂତନ ମୂଲ୍ୟବୋଧ, କର୍ତ୍ତବ୍ୟ ପରାୟଣତା ଓ ଅନ୍ତର୍ଚେତନା ଜାଗ୍ରତ ପାଇଁ ବାଲେଶ୍ୱର ଜିଲା ଖଇରା ବ୍ଲକର ଅଗ୍ରଣୀ ସଙ୍ଗଠନ ବ୍ରହ୍ମାନନ୍ଦ ହସ୍ତଶିଳ୍ପ ଏବଂ ସମାଜ କଲ୍ୟାଣ ସେବା ସଂଘର ସଦସ୍ୟମାନେ ଅଣ୍ଟା ଭିଡିଛନ୍ତି। ଆଗାମୀ ନେତାଜୀ ଜୟନ୍ତୀ ଅବସରରେ ଏହି ମର୍ମରେ ବାର୍ତ୍ତା ପ୍ରଚାର ଲାଗି 'ରନ୍ ଫର ଖଇରା' ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଛି ।

ବୁଧବାର ପଳସା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଗଣଦୌଡ ପ୍ରସ୍ତୁତି ଲାଗି ଏକ ବୈଠକ ବସିଥିଲା। ସାମ୍ପ୍ରତିକ ପରିସ୍ଥିତିରେ ବିପଥଗାମୀ ହେଉଥିବା ଯୁବପିଢି ଲାଗି ଏଭଳି ଗଣଦୌଡ ଓ ସଚେତନତା କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆଲୋଚନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଓ ସମ୍ପାଦକ ଲକ୍ଷ୍ମୀଧର ଦାଶ ପ୍ରମୁଖ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତଦନୁଯାୟୀ ଆସନ୍ତା ୨୩ତାରିଖ ସକାଳ ୭ଟାରେ ଗଣ୍ଡିବେଡରୁ ଗଣଦୌଡ ଆରମ୍ଭ ହୋଇ ଖଇରା ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଯିବ । ଏଥିରେ ୧୬ରୁ ୫୦ବର୍ଷ ବୟସର ୧ହଜାର ଲୋକ ଯୋଗ ଦେବେ । ଇଚ୍ଛୁକ ଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର , କ୍ଲବ ଓ ଅନ୍ୟ ଅନୁଷ୍ଠାନର ସଦସ୍ୟମାନେ ଆସନ୍ତା୧୬ରୁ ୨୦ତାରିଖ ମଧ୍ୟରେ ଏଥି ସକାଶେ ନାମ ପଞ୍ଜୀକରଣ କରିପାରିବେ । ଉଭୟ ମହିଳା ଓ ପୁରୁଷ ବର୍ଗରୁ ପ୍ରଥମେ ପହଞ୍ଚିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ । ଖଇରା ଅଞ୍ଚଳର ୩୭ ପଞ୍ଚାୟତର ଲୋକଙ୍କ ନିକଟରେ ଏହି ବାର୍ତ୍ତା ଯେଭଳି ପହଞ୍ଚିବ ସେଥିଲାଗି ସଂଗଠନର ସଦସ୍ୟମାନେ ଉଦ୍ୟମ କରିବେ। ପ୍ରସ୍ତୁତି ବୈଠକରେ ବିଭିନ୍ନ ଦଳର ନେତୃବୃନ୍ଦଙ୍କ ମଧ୍ୟରେ ବଳରାମ ପଣ୍ଡା, ବସନ୍ତ କୁମାର ପାତ୍ର, ପ୍ରକାଶ କୁମାର ଲେଙ୍କା, ଶରତ କୁମାର ଦାସ,ଅଶୋକ କୁମାର ଦାସ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଂଗଠନର ସଦସ୍ୟ ସନ୍ତୋଷ କୁମାର ବେହେରା,ଅକ୍ଷୟ କୁମାର ହାତୀ,ଶଶାଙ୍କ ପତ୍ରୀ,ମନୋଜ ରାଉତ, ଗୌତମ ଗିରି, ଜ୍ୟୋତି ରଞ୍ଜନ ନାୟକ, କାହ୍ନୁଚରଣ ମହାନ୍ତି, ଅସିତ ନାୟକ, ରୂପକ ମିଶ୍ର, ଜ୍ଞାନରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# 'ଶାରୀରିକ, ବୌଦ୍ଧିକ ବିକାଶ ଆଣେ କ୍ରୀଡ଼ା'

ଭଣ୍ଡାରିପୋଖରୀ,୯।୧(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରି ବଳଦେବଜୀଉ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ପୁରସ୍କୃତ ପ୍ରଧାନ ଶିକ୍ଷକ ଗିରୀଶ ବିହାରୀ ମିଶ୍ର, ମୁଖ୍ୟବକ୍ତା ସ୍ଥାନୀୟ ସରପଞ୍ଚ ମନୋଜ କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷା ସଂଯୋଜକ ଭାଗବତ ରାଉତ ଯୋଗଦେଇ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। କ୍ରୀଡ଼ା ଶାରୀରିକ, ବୌଦ୍ଧିକ ଓ ମାନସିକ ବିକାଶର ସୁଗମ୍ୟ ସେତୁ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିକଟସ୍ଥ ବଳଦେବଜୀଉ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅମୂଲ୍ୟ ମଲିକ, ଶିକ୍ଷକ ଗୌରୀଶଙ୍କର ମିଶ୍ର, ଦାମୋଦର ଶତପଥୀ, ଇନ୍ଦ୍ରଜିତ୍ ମଲିକ ଓ ତପନ ବିଶ୍ୱାଳ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।

କୁମ୍ଭକାରଙ୍କୁ ବିଦ୍ୟୁତ୍‌ଚାଳିତ ଚକ ବଣ୍ଟନ

# 'ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେବ'

ପୁରୀ ଅଫିସ, ୯।୧:

ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେବ। କିନ୍ତୁ ଏଥିପାଇଁ କେବଳ ଚାଷ ଜମି ଉପରେ ନିର୍ଭର କଲେ ହେବନାହିଁ, ବିଭିନ୍ନ ପ୍ରକାର କ୍ଷୁଦ୍ର ଶିଳ୍ପ ଉପରେ ଭରସା କରିବାକୁ ପଡ଼ିବ। ପ୍ରତି ଘର କଳ କାରଖାନାରେ ପରିଣତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଗୁରୁବାର

**କେବଳ ଜମି ନୁହେଁ, କ୍ଷୁଦ୍ର ଶିଳ୍ପ ଉପରେ ଭରସା କରିବାକୁ ପଡ଼ିବ**

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ କୁମ୍ଭକାରମାନଙ୍କୁ ବିଦ୍ୟୁତ୍‌ଚାଳିତ ଚକ ଏବଂ ମାଟି ଚକଟା ମେସିନ ବଣ୍ଟନ ଲାଗି ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପ୍ରତ୍ୟେକ ଘରେ ଆଚାର, ବଡ଼ି, ପାମ୍ପଡ଼, ଜେଲି, ଜୁସ୍ ତିଆରି କରାଯାଇପାରିବ। ପ୍ରତ୍ୟେକ ଲୋକ ଚାହିଁଲେ ମହୁ ଚାଷ, ମାଛ ଚାଷ, ସାବୁନ, ଧୂପ, ମହମବତି କାରଖାନା ଦ୍ୱାରା ଆତ୍ମନିର୍ଭରଶୀଳ ହୋଇ ପାରିବେ। ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି। ପାରମ୍ପରିକ ଶିଳ୍ପ ଯାହା ବୁଡ଼ିଯିବାକୁ ବସିଛି ତାହାର ପୁନରୁଦ୍ଧାର କରିବା ହେଉଛି ଆମର ଲକ୍ଷ୍ୟ। ବଡ଼ ବଡ଼ ଶିଳ୍ପ ଦ୍ୱାରା ବହୁତ ଲୋକଙ୍କର ଉପକାର ହୋଇପାରିବ ନାହିଁ। ବୃହତ ଶିଳ୍ପରେ କମ୍ ଲୋକ ନିଯୁକ୍ତି ପାଇଥାନ୍ତି। ସେହିପରି ବହୁତ ଉତ୍ପାଦନ ହେଲେ ଦେଶ ଧନୀ ହେବ ନାହିଁ। ବହୁତ ଲୋକଙ୍କ ଦ୍ୱାରା ଉତ୍ପାଦିତ ହେବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି।



କୁମ୍ଭକାରଙ୍କୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବିଦ୍ୟୁତ୍‌ଚାଳିତ ଚକ ବଣ୍ଟନ କରୁଛନ୍ତି।

କୁମ୍ଭକାରମାନେ ମାଟିଚକକୁ ହାତରେ ଘୂରେଇ ଘୂରେଇ ବହୁ ପରିଶ୍ରମ କରି ବିଭିନ୍ନ ମାଟିପାତ୍ର ତିଆରି କରିଥାନ୍ତି। ଏବେ ସେମାନଙ୍କୁ ଦିଆଯାଇଥିବା ଚକ ବିଦ୍ୟୁତ୍ ଦ୍ୱାରା ଚାଲିବ। ଏହାଦ୍ୱାରା କମ୍ ପରିଶ୍ରମରେ ଅଧିକ ଉତ୍ପାଦନ ହୋଇପାରିବ। ପରୋକ୍ଷରେ ଏହା ପ୍ଲାଷ୍ଟିକମୁକ୍ତ ଭାରତ ଗଠନରେ ବେଶ୍ ସହାୟକ ହେବ। ମାଟିରେ ପାଣିବୋତଲ, ଗ୍ଲାସ, କପ୍, ପ୍ଲେଟ ଆଦି ତିଆରି କରାଯାଇପାରିବ। ୪୦୦ ରେଳଷ୍ଟେଶନରେ ଏବେ ମାଟିପାତ୍ର ବ୍ୟବହାର କରାଯାଉଛି। ଆଗାମୀ ଦିନରେ ସବୁ ଷ୍ଟେଶନରେ ମାଟିପାତ୍ର ବ୍ୟବହାର କରାଯିବ। ମହାପ୍ରଭୁଙ୍କ କୃପାରୁ ପୁରୀରେ କୁମ୍ଭକାର ଭାଇମାନଙ୍କ ପାଇଁ ମାର୍କେଟିଂର ଅଭାବ ନାହିଁ। କେବଳ ଶ୍ରୀମନ୍ଦିରକୁ କୁଡୁଆ ଯୋଗାଣ କଲେ ବି ଜଣେ ସ୍ୱାବଲମ୍ବୀ ହୋଇପାରିବ। ନୀଳାଚଳ ଧାମରେ ମହାପ୍ରଭୁଙ୍କ ପ୍ରସାଦ ପାଇଁ ଅନ୍ୟ ଆଡୁ କୁଡୁଆ ଆସିବା ଠିକ୍ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ।

ସଂସ୍କୃତି ସମ୍ପନ୍ନ ହାତ ହେଉଛି ଶିଳ୍ପ। ଗୋଟିଏ ପଥରକୁ ପିଟି ଚିପ୍ସ କରିଦେଲେ ତା' ଦାମ୍ ୫୦୦ ଟଙ୍କା ହେବ। ସେହି ପଥରରେ ଗଣେଶ, ଜଗନ୍ନାଥ, ବୁଦ୍ଧ, କାଳୀ ଓ ଦୁର୍ଗା ମୂର୍ତ୍ତି ତିଆରି କରିଦେଲେ ତା'ର ମୂଲ୍ୟ ୫୫ ହଜାର ଟଙ୍କା ହେବ। ତେଣୁ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ଲାଗି ସୃଜନଶୀଳତା ଦରକାର। ପୁରୀ ଏବଂ ଗୋପର ୧୨୦ ଜଣଙ୍କୁ ବିଦ୍ୟୁତ୍ ଚାଳିତ ଚକ ଏବଂ ୧୨ଟି ମାଟି ଚକଟା ମେଶିନ ବଣ୍ଟନ କରାଯାଇଛି। ସେମାନେ ଏହାଦ୍ୱାରା ସୁଫଳ ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଖଦି ଓ ଗ୍ରାମଦ୍ୟୋଗ ଆୟୋଗର ଅଧ୍ୟକ୍ଷ ବିଜୟ କୁମାର ସାକ୍‌ସେନା, ଉପମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏସ୍.ଏସ୍. ଶିଲ୍ ଓ ସତ୍ୟନାରାୟଣ ଶୁକ୍ଳା, ଖଦି ଓ ଗ୍ରାମଦ୍ୟୋଗ ଆୟୋଗ ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ଏବଂ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ସାଧାରଣ ପରିଚାଳକ ପ୍ରମୋଦ କୁମାର ମହାନ୍ତି ଉପସ୍ଥିତ ଥିଲେ। ଓଡ଼ିଶା କୁରାଳ ମହାସଂଘ ପୁରୀ ଜିଲା ସଭାପତି ସୁଧାଂଶୁ କୃଷ୍ଣ ମୁଦୁଲି, ସମ୍ପାଦକ ଲକ୍ଷ୍ମୀଧର ବିଶୋଇ, ସ୍ୱର୍ଣ୍ଣଲତା ବିଶୋଇ, ପ୍ରଶାନ୍ତ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ରୀଡ଼ାରେ ଭାଗନେଲେ ୧୮୦ ଛାତ୍ରୀଛାତ୍ର

ପଦ୍ମପୁର, ୯।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଧନୀ, ବିଜୟ କୁମାର ନାୟକ ଓ କ୍ରୀଡ଼ା ଶିକ୍ଷକ ବଟକୃଷ୍ଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗରେ ବିଦ୍ୟାଳୟର ୧୮୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନୋରଞ୍ଜନ ସାମନ୍ତ, ଚନ୍ଦ୍ରକାନ୍ତ ମହାଳିକ, ରମାକାନ୍ତ ସାହୁ, ରୀନା ରାୟ ପ୍ରମୁଖ ପରିଚାଳନା କରିଥିଲେ।


କ୍ରୀଡାରେ ଭାଗନେଇଥିବା ଛାତ୍ରମାନେ।

■ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ

# ଭିତ୍ତିଭୂମି ପରଖୁଛନ୍ତି ୟୁଜିସି ପ୍ରତିନିଧି ଦଳ

କେନ୍ଦୁଝର,୯।୧(ସ୍ୱ.ପ୍ର.)

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ୨ ଦିନିଆ ଗସ୍ତରେ ଆସି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ନୂଆଦିଲ୍ଲୀରୁ ଆସିଥିବା ଏହି ଟିମ୍‌ରେ ୬ଜଣ ସଦସ୍ୟ ରହିଛନ୍ତି। ଗୁରୁବାର ଓ ଶୁକ୍ରବାର ସେମାନେ ତଦାରଖ କରିବାପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବେ। ସ୍ୱୟଂଶାସନ ବ୍ୟବସ୍ଥାର ନବୀକରଣ ନେଇ ଉକ୍ତ ଟିମ୍ ଗସ୍ତରେ ଆସିଥିବା କୁହାଯାଉଛି। ପାଟଣା ପାଟଳୀପୁତ୍ର ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର (କୁଳପତି) ପ୍ରଫେସର ଗୁଲାବ ସି.ଆର, ଜୟସୱାଲ, ରାୟପୁର ପିଜି କଲେଜ ଅଫ ସାଇନ୍ସର ଡକ୍ଟର ଦେବେନ୍ଦ୍ର ନାଥ ବର୍ମା, ୟୁଜିସିର ଅନୁ ସଚିବ ଶ୍ରୀମତୀ ସି.ପି.ଗୌର, ଗୁଆଲିୟର ଜିୱାଜି ବିଶ୍ୱବିଦ୍ୟାଳୟରର ହେଡ ସ୍କୁଲ ଅଫ ବଟାନୀ ପ୍ରଫେସର ଅଭିନାଶ ତିୱାରୀଙ୍କ ସମେତ ରାଜ୍ୟର ୨ଜଣ ପ୍ରତିନିଧି କଲେଜ ଡେଭେଲପମେଣ୍ଟ କାଉନସିଲର ଚେୟାରମ୍ୟାନ ପ୍ରଫେସର ଉମାବଲ୍ଲଭ ମହାପାତ୍ର, ବାଲେଶ୍ୱର ଜୋନର ରିଜିଓନାଲ ଡାଇରେକ୍ଟର ପ୍ରଫେସର ସିତାଂଶୁ ଶେଖର ସାମଲ ଉକ୍ତ ଟିମ୍‌ରେ ସାମିଲ ହୋଇଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ୟୁଜିସିର ଏକ ପ୍ରତିନିଧି ଦଳ ଧରଣୀଧର ମହାବିଦ୍ୟାଳୟକୁ ୨୦୦୫ରେ ପ୍ରଥମ ଗସ୍ତ କରିବା ପରେ ଏହାକୁ ସ୍ୱୟଂଶାସିତ କଲେଜ ମାନ୍ୟତା ମିଳିଥିଲା। ୨୦୦୫ରୁ ୨୦୧୧ ପର୍ଯ୍ୟନ୍ତ ୟୁଜିସି ମାନ୍ୟତା ଜାରି ରହିଥିଲା। ପରବର୍ତ୍ତୀ ସମୟରେ ୟୁଜିସି ଟିମ୍ ନ ଆସିବାରୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ୟୁଜିସି ନବୀକରଣ ହୋଇ ପାରି ନ ଥିଲା। ଦୀର୍ଘ ୮ବର୍ଷ ପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚି ସ୍ୱୟଂଶାସିତ ମାନ୍ୟତା ପାଇବା ପରେ ଭିତ୍ତିଭୂମି ବିକାଶ କିପରି ହୋଇଛି ତାହା ଅନୁଧ୍ୟାନ କରିବା ଆରମ୍ଭ କରିଛନ୍ତି। ବିଶେଷ କରି ଖେଳପଡିଆ, ଲାଇବ୍ରେରୀ, ଅଧ୍ୟାପକ ଏବଂ କର୍ମଚାରୀ ଠିକ୍ ଅଛନ୍ତି କି ନାହିଁ, ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା, ସାଂସ୍କୃତିକ କାର୍ଯ୍ୟକ୍ରମ, ଜାତୀୟ ସେବା ସଂସ୍ଥା (ଏନ୍ଏସ୍ଏସ୍) ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବା ଏନ୍‌ସିସିର କ୍ରିୟାଶୀଳତା ଉପରେ ମଧ୍ୟ ତଦାରଖ କରିଛନ୍ତି। ସେମାନଙ୍କ ରିପୋର୍ଟ ଆଧାରରେ ସ୍ୱୟଂଶାସିତ ମାନ୍ୟତାର ପୁନଃବିଚାର କରାଯିବ ବୋଲି ଜଣାପଡିଛି। ୟୁଜିସି ଟିମ ଗସ୍ତ ସମୟରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ, ପ୍ରାଧ୍ୟାପକ ଶାନ୍ତନୁ ନାୟକ, ଅଧ୍ୟାପକ କୃଷ୍ଣଚନ୍ଦ୍ର ପ୍ରଧାନ, ଅଧ୍ୟାପକ ସୁଧା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ୟୁଜିସି ପ୍ରତିନିଧି ଦଳ କଲେଜର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ମରାମତି ହେଲା ଘସିପୁରା ଭିଆଇପି ରୋଡ୍

ଘସିପୁରା, ୯।୧(ଡି.ଏନ.ଏ.)

ଆନନ୍ଦପୁର ସହରରେ ପୂର୍ତ୍ତ ବିଭାଗ ପକ୍ଷରୁ ନବନିର୍ମିତ ବ୍ୟସ୍ତବହୁଳ ଖପରାଖାଇ-ଘସିପୁରା ଭିଆଇପି ରୋଡ ବୈତରଣୀ ଡଙ୍ଗା ଘାଟ ନିକଟରେ ଦବିବା ଘଟଣାକୁ ୭ଦିନ ବିତିବା ପରେ ମଧ୍ୟ ତାହାର ମରାମତି ହୋଇ ନ ଥିଲା। ଏ ସମ୍ପର୍କିତ ଏକ ଖବର ଗତ ବୁଧବାର ଧରିତ୍ରୀରେ ପ୍ରକାଶ ପାଇବା ପରେ

**'ଧରିତ୍ରୀ' ପ୍ରଭାବ**

ମରାମତି ପାଇଁ ପୂର୍ତ୍ତ ବିଭାଗ ତତ୍ପରତା ପ୍ରକାଶ କରିଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରେ ଜମା ହୋଇ ରହିଥିବା ମାଟି ଅତଡ଼ା ହଟାଯିବା ସହ ଗାଡ଼କୁ ପୋତା ଯାଇ ରାସ୍ତାର ମଧ୍ୟଭାଗକୁ କଙ୍କ୍ରିଟ କରାଯାଇଛି। ଫଳରେ ଏହି ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ସ୍ୱାଭାବିକ ହୋଇଛି। ପୂର୍ବରୁ ଉକ୍ତ ରାସ୍ତାର ମଧ୍ୟଭାଗରେ ଗଛ ଡାଳ ରଖି କେବଳ ସତର୍କ ସୂଚନା ଦିଆଯାଇଥିଲା। ଫଳରେ ଯାତ୍ରୀ ମାନେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ରାସ୍ତାରେ ପିଚୁ ବଦଳରେ କାହିଁକି କଙ୍କ୍ରିଟ କରାଗଲା ସେନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ମୃତ୍ୟୁ ଘଟଣା ଜଣେ ଗିରଫ

ଝୁମ୍ପୁରା, ୯।୧(ଡି.ଏନ.ଏ.)-ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମରେ ନିଆଁରେ ପୋଡି ହୋଇ ୨ଦିନ ପୂର୍ବରୁ ଲିନାରାଣୀ ମହାନ୍ତଙ୍କ ମୃତ୍ୟୁ ଘଟଣାରେ ତାଙ୍କ ମା' ଦମୟନ୍ତୀ ମହାନ୍ତ ତାଙ୍କ ଝିଅକୁ ପୋଡି ମାରି ଦେଇଥିବା ଏତଲା ଦେଇଥିଲେ। ଏତଲା କ୍ରମେ ତଦନ୍ତ କରି ପୋଲିସ ବୁଧବାର ଲିନାଙ୍କ ସ୍ୱାମୀ କୁନାଲ ମହାନ୍ତଙ୍କୁ ଗିରଫ କରି ସନ୍ଧ୍ୟା ସମୟରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବିରଞ୍ଚି ବାଗ ସୂଚନା ଦେଇଛନ୍ତି। ଏନେଇ ପୋଲିସ ଦଫା ୪୯୮ ଏ /୩୦୨/ ୩୦୪ ବି / ୪ଡିପି ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୫/୨୦୨୦) ରୁଜୁ କରିଛି।

### ଟ୍ରାକ୍ଟର ସହ ଟାଟା ଏସି ମୁହାଁମୁହିଁ

ପାଟଣା,୯।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ପାଟଣା ଠାକୁରମୁଣ୍ଡା ରାସ୍ତାର କେନ୍ଦୁଯୋଡ଼ା ଗୋହିରା ନାଳ ପୋଲ ନିକଟରେ ବୁଧବାର ରାତିରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ଟାଟା ମାକ୍ସିମା ଡାଲା ଗାଡି ମୁହାଁମୁହିଁ ଧକ୍କା ଦେବା ଫଳରେ ଉଭୟ ଗାଡି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବ ଅଳ୍ପକେ ଉଭୟ ଗାଡିର ଚାଳକ ବର୍ତ୍ତି ଯାଇଛନ୍ତି। ଦୁଇଟି ଯାକ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ପାଟଣା ପୋଲିସ ଜବତ କରି ତଦନ୍ତ ଜାରି ରଖିଛି।

### ଟେଣ୍ଟ ଭଙ୍ଗାରୁଜା ମାମଲା: ଜଣେ ଗିରଫ

ଯୋଡ଼ା, ୯।୧(ଡି.ଏନ.ଏ.)-କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଖଣିରେ ପରିବହନ କାର୍ଯ୍ୟ ଦାବି କରି ଧାରଣାରେ ବସିଥିବାବେଳେ ହୋଇଥିବା ଟେଣ୍ଟ ଭଙ୍ଗାରୁଜା ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଜୁରୁଡିର ଶେର ମହମ୍ମଦ। ୨୦୧୯ ମସିହା ଡିସେମ୍ବର ୫ ତାରିଖରେ ମାରାଂବୁରୁ ଡେଭେଲପମେଣ୍ଟ କମିଟି ପକ୍ଷରୁ ଖଣିରେ ପରିବହନ କାର୍ଯ୍ୟ ଦାବି କରି ଖଣିର ପରିବହନ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜଣେ ବିଧାୟକଙ୍କ ସମର୍ଥକମାନେ ସମାନ ଦାବି କରି ମାରାଂବୁରୁ ଡେଭେଲପମେଣ୍ଟ କମିଟିର ଧାରଣାକାରୀଙ୍କ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମର୍ଥକମାନେ ଧାରଣା ସ୍ଥଳରେ ବସିଥିବା ମାରାଂବୁରୁ ଡେଭେଲପମେଣ୍ଟ କମିଟିର ସଦସ୍ୟାସଦସ୍ୟଙ୍କୁ ଘଉଡାଇ ଦେବା ସହିତ ତାଙ୍କର ଟେଣ୍ଟ ଭାଙ୍ଗିରୁଜି ଦେଇଥିଲେ। ଏନେଇ ବାମେବାରୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରୁ ବଡବିଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ଯୋଡା ପୋଲିସ ଶେର ମହମ୍ମଦଙ୍କୁ ଗିରଫ କରିଥିଲା।

### ତେଲ ବୋଝେଇ ପିକ୍‌ଅପ୍ ଓଲଟିଲା



ଆନନ୍ଦପୁର,୯।୧(ସ୍ୱ.ପ୍ର.)-୫୩ ନଂ ରାଜ୍ୟ ରାଜପଥ ଆନନ୍ଦପୁର ଥାନା ଆମ୍ବଗଡିଆ ଛକ ନିକଟରେ ଏକ ଖାଇବା ତେଲ ବୋଝେଇ ଗାଡି ଗୁରୁବାର ଓଲଟି ପଡିଥିଲା। ସୂଚନା ପାଇ ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ତେଲ ବୋଝେଇ ପିକ୍‌ଅପ ଭ୍ୟାନକୁ ଜବତ କରିଛି। ଭ୍ୟାନଟି ଭଦ୍ରକରୁ କେନ୍ଦୁଝର କାଶୀପୁର ଅଞ୍ଚଳକୁ ଖାଇବା ତେଲ ବୋଝେଇ କରି ଯାଉଥିଲା। ଭାରସାମ୍ୟ ହରାଇ ଆମ୍ବଗଡିଆ ଛକ ନିକଟରେ ଓଲଟିପଡିଥିଲା। ଘଟଣା ସ୍ଥଳରେ ତେଲ ଯୋଗାଣକାରୀ ସଂସ୍ଥାର ମାଲିକ ପହଞ୍ଚି ଗାଡିରୁ ପଡିଯାଇଥିବା ତେଲକୁ ଉଦ୍ଧାର କରିଥିଲେ।

## ସମ୍ବର୍ଦ୍ଧିତ ହେବେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭା

ପାଟଣା,୯।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ତରୀୟ ୭୧ ତମ ଗଣତନ୍ତ୍ର ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ଗୁରୁବାର ଅପରାହ୍ନରେ ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ କ୍ଷେତ୍ର ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବ୍ଲକ ରାଜନଗରର ଅବସର ପ୍ରାପ୍ତ ବାୟୁସେନା କର୍ମଚାରୀ ଶରତ ଜ୍ୟୋତି କର ଅବସର ଗ୍ରହଣ ପରେ ସମାଜସେବାରେ ନିଜକୁ ନିୟୋଜିତ କରି ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବା ସହ ବହୁ ପ୍ରତିଭା ଧର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସଙ୍କ ସଂଯୋଜନ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା, ବିଇଓ ପୂର୍ଣ୍ଣ ଚନ୍ଦ୍ର ଓମାତ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସାମାଜିକ କର୍ମୀ ମାଧବାନନ୍ଦ ପୃଷ୍ଟି, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ଓ ଡ. ଶୁଭେନ୍ଦୁ ସାଗର କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ, ଶିକ୍ଷକ କମଳାକାନ୍ତ ପତି, ପାର୍ଥସାରଥୀ ବେଜ, ପ୍ରମୋଦ କୁମାର ମହାନ୍ତ , ଶ୍ରୀକାନ୍ତ ବିଶ୍ୱାଳ ଓ ପ୍ରମୋଦ କୁମାର ଭଞ୍ଜଙ୍କ ସମେତ ବ୍ଲକର ସମସ୍ତ ସରକାରୀ ବେସରକାରୀ ଶିକ୍ଷାଅନୁଷ୍ଠାନର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହିଥିଲେ।

## ଜମି ହଡ଼ପ ନେଇ ଜବରଦଖଲ ଉଚ୍ଛେଦ

ରାଇସୁଆଁ, ୯।୧(ଡି.ଏନ.ଏ.)-

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତର ମହାଦେଇଯୋଡା ଗ୍ରାମରେ ପୂର୍ବ ପୁରୁଷରୁ ଥିବା ୩ଶହ ଏକର ରାଣୀ ଜମିକୁ ଗ୍ରାମର କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବ୍ୟକ୍ତି ଏବଂ ବାହାରର କେତେକ ବ୍ୟକ୍ତି ମିଶି ହଡପ ଉଦ୍ୟମ କରୁଥିବା ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମର କେହି ଜଣେ ବ୍ୟକ୍ତି ହାଟତୋଟା ନିକଟରେ ଘର ନିର୍ମାଣ କରିବା ପାଇଁ ବାଲି ପକାଇଥିଲେ। ଏହା ଦେଖି ଗ୍ରାମବାସୀ ମିଶି ଗୁରୁବାର ଜବରଦଖଲ ଉଚ୍ଛେଦ କରିଛନ୍ତି। ଏନେଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ବାର୍ଷିକ କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଆନନ୍ଦପୁର,୯।୧(ସ୍ୱ.ପ୍ର.)

ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଆନନ୍ଦପୁର ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ଗୁରୁବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରାଜେନ୍ଦ୍ର ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବକୁ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ପୌର ଅଧିକାରୀ ହିତାଂଶୁ ଶେଖର ସାମଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ କ୍ରୀଡାରେ ଜୁନିୟର୍ ଓ ସିନିୟର୍ ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ଶକ୍ତିପ୍ରସାଦ ମହାପାତ୍ର ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

## ଆନନ୍ଦପୁର ରୋଗୀ କଲ୍ୟାଣ ସମିତି ବୈଠକରେ ଉଦ୍‌ବେଗ

ଘସିପୁରା, ୯।୧(ଡି.ଏନ.ଏ.)

ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ସୁପରିଚାଳନା ନିମନ୍ତେ ଓ ରୋଗୀଖାଦ୍ୟ ବଣ୍ଟନ ବ୍ୟବସ୍ଥା ଉପରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡାକ୍ତରଖାନାକୁ ସରକାରଙ୍କ ଜେନେରିକ ମେଡିସିନ ଆବଶ୍ୟକ ପରିମାଣର ଆସୁ ନ ଥିବା ଓ କ୍ୟାମ୍ପସରେ ଥିବା ଘରୋଇ ମେଡିସିନ ଷ୍ଟୋରର ସ୍ଥିତାବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାରୀ ଡାକ୍ତରଖାନା କ୍ୟାମ୍ପସରେ କୌଣସି ଘରୋଇ ଔଷଧ ଦୋକାନ ନ ରଖାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମ ଜାରି କରାଯାଇଥିଲେ ମଧ୍ୟ କିଭଳି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଏହାର ବ୍ୟତିକ୍ରମ ଘଟିଛି ସେ ନେଇ କିଛି ବୁଦ୍ଧିଜୀବୀ ବୈଠକରେ ପ୍ରସଙ୍ଗ ଉଠାଇଥିଲେ। ସେହିପରି ସୁରକ୍ଷା, ସଫେଇ, ଲଣ୍ଡ୍ରି, ହେଲ୍ପ ଡେସ୍କ, ବିଏମ୍‌ଡବ୍ଲ୍ୟୁ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ବୋଲି ଅନେକ ରୋଗୀ କଲ୍ୟାଣ ସମିତି ସଦସ୍ୟ ଅଭିଯୋଗ ଆଣିଥିଲେ। ଡାକ୍ତରଖାନାର ନିଜସ୍ୱ ଜମି ଜବରଦଖଲ ହୋଇଥିବା ପ୍ରସ୍ତାବ ଡାକ୍ତରଖାନା କର୍ତ୍ତୃପକ୍ଷ ଉଠାଇବାରୁ ଯଥାଶୀଘ୍ର ଏନେଇ ନୋଟିସ ଜାରି କରାଯାଇ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ବୋଲି ରୋଗୀ କଲ୍ୟାଣ ସମିତି ଅଧ୍ୟତଥା ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଧନେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠି, ତହସିଲଦାର ତପନ କୁମାର ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ, ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନା, ବିଇଓ ଶରତ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ଶାନ୍ତନୁ ସେଠୀ, ସୁଶିଲ ହୋତା ପ୍ରମୁଖ ଯୋଗଦେଇଥିଲେ।

## 'ରୋଶଣିର ରଙ୍ଗ' ସଙ୍କଳନ ଉନ୍ମୋଚିତ

ଚମ୍ପୁଆ,୯।୧(ଡି.ଏନ.ଏ)

ଅଭିଲାଶ ପ୍ରକାଶନ ସଞ୍ଜୀବନୀ ସାହିତ୍ୟ ସଂସଦ ଭଣ୍ଡା ଦ୍ୱାରା ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ଶରତ ଚନ୍ଦ୍ର ବାରିକଙ୍କ ରଚିତ କ୍ଷୁଦ୍ର ଗଳ୍ପ ସଂକଳନ 'ରୋଶଣିର ରଙ୍ଗ' ଉନ୍ମୋଚିତ ହୋଇଯାଇଛି। ସୂଚନା ଅନୁସାରେ ଭଣ୍ଡା ପଞ୍ଚାୟତ ସଭାଗୃହଠାରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଡିଓ ନୁପୁର ଚାନ୍ଦଗୋଟିଆ ଯୋଗ ଦେଇ ଏହି ରୋଶଣୀର ରଙ୍ଗ ପୁସ୍ତକ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଚମ୍ପୁଆ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ, ଲେଖକ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ସଞ୍ଜୀବନୀ ସାହିତ୍ୟ ସଂସଦ ସଭାପତି ଗିରିଶ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ବହୁ ସାହିତ୍ୟିକ ଗାଳ୍ପିକ, ଖବରଦାତା ଓ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିବା ବେଳେ ସମ୍ପାଦକ ଡମ୍ବରୁଧର ମହାନ୍ତ, ସଞ୍ଜୀବନୀ ସାହିତ୍ୟ ସଂସଦର ଉଦ୍ଦେଶ୍ୟ ଉପସ୍ଥାପିତ କରିଥିଲେ।



'ରୋଶଣିର ରଙ୍ଗ' ପୁସ୍ତକ ଉନ୍ମୋଚନ କରାଯାଉଛି।

## ପୁଣି ଚର୍ଚ୍ଚାରେ ବେଆଇନ ଲୁହାପଥର ପରିବହନ

କେନ୍ଦୁଝର, ୯।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାରୁ ବିନା ନ୍ୟାଶନାଲ ପର୍‌ମିଟରେ ଅନେକ ଲୁହାପଥର ବୋଝେଇ ଟ୍ରକ ଅନ୍ୟ ପଡୋଶୀ ରାଜ୍ୟକୁ ଚଳାଚଳ କରୁଥିବା ଅଭିଯୋଗ ହେଉଛି। ଲୁହାପଥର ଚୋରା କାରବାର ରୋକିବାକୁ କଡା ପଦକ୍ଷେପ ନିଆଯିବା ସତ୍ତ୍ୱେ ସମ୍ପ୍ରତି ଯୋଡା ଅଞ୍ଚଳର ପାଖାପାଖି ୨୫ ଗାଡି, ଝୁମ୍ପୁରା ଅଞ୍ଚଳର ୫ ଟି ଗାଡି ପଶ୍ଚିମବଙ୍ଗରେ ବିନା ନ୍ୟାଶନାଲ ପର୍‌ମିଟରେ ଚଳାଚଳ

**ବିନା ନ୍ୟାଶନାଲ ପରମିଟ୍‌ରେ ଚାଲାଣ ଅଭିଯୋଗ**

କରୁଥିବା ନେଇ ଧରାପଡିବା ପରେ ଘଟଣା ପଦାକୁ ଆସିଛି। ଏସବୁ ଗାଡିରୁ ପାଖାପାଖି ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହୋଇଥିବା ଚର୍ଚ୍ଚା ହେଉଛି। ଆଗ ଭଳି କେନ୍ଦୁଝରରେ କଡାକଡି ଗାଡି ଯାଞ୍ଚ ହେଉ ନ ଥିବାରୁ ଅନେକ ଟ୍ରକ ମାଲିକ ଏଥିରୁ ଫାଇଦା ଉଠାଉଥିବା ଏବଂ ସରକାର ବିପୁଳ ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଖଣି ଓ ପରିବହନ ବିଭାଗ କର୍ତ୍ତୃପକ୍ଷ ଏଭଳି ଚର୍ଚ୍ଚା ଓ ଅଭିଯୋଗକୁ ଖଣ୍ଡନ କରୁଥିଲେ ବି ଏ ନେଇ ଯାଞ୍ଚ କରାଯିବ ବୋଲି କହିଛନ୍ତି।

ଉଲ୍ଲେଖନୀୟ ଯେ, କେନ୍ଦୁଝର ଜିଲାରୁ ଏବେ ଦୈନିକ ଲୁହାପଥର ବୋଝେଇ ଶତାଧିକ ଟ୍ରକ, ହାଇୱା ଟ୍ରେଲର ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟକୁ ଚାଲାଣ କରାଯାଉଛି। ସମ୍ପ୍ରତି ଆଇଥ୍ରୀଏମ୍‌ଏସ ପଦ୍ଧତିରେ ଖଣି ବିଭାଗ ଖଣିଜ ପରିବହନ ପାଇଁ ଅନୁମତିପତ୍ର ପ୍ରଦାନ କରୁଥିବା କୁହାଯାଉଛି। ଏହି ବ୍ୟବସ୍ଥାରେ ଲୋକାଲ ବା ନ୍ୟାଶନାଲ ପର୍‌ମିଟରେ ଉଲ୍ଲେଖ ହେଉ ନ ଥିବାରୁ ଗାଡି ମାଲିକମାନେ ଏହି ଲୋଡିଂ ସ୍ଲିପ ଧରି ଖଣିକୁ ଯାଇ ଲୋଡିଂ କରିଥାନ୍ତି । ଆଇଥ୍ରୀଏମ୍‌ଏସ ପାଇଁ ଅର୍ଥ ଜମା କରି ଗାଡି ନମ୍ବର ପଞ୍ଜୀକରଣ ପରେ ଥରେ ପରିବହନ ଅନୁମତିପତ୍ର ମିଳିଗଲେ, ଲୋଡିଂ ବେଳେ ଖଣିରେ ପରମିଟକୁ କଡାକଡି ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କେନ୍ଦୁଝର ଆରଟିଓ ନିର୍ମଳ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି, ବିନା ନ୍ୟାଶନାଲ ପରମିଟରେ ରାଜ୍ୟ ବାହାରକୁ ଖଣିଜ ପରିବହନ ବେଆଇନ । ଏନେଇ ଧରପଗଡ କରି ଜରିମାନା ଆଦାୟ କରାଯିବ । ଆଇଥ୍ରିଏମଏସ ବ୍ୟବସ୍ଥାରେ ଲାଗୁ ହେବା ପରଠାରୁ ବିନା ପରମିଟରେ ଲୋଡିଂ କରିବା ସୁବିଧା କାହାକୁ ମିଳି ନ ଥାଏ । ଏହାର ଯାଞ୍ଚ କରାଗଲେ, ପ୍ରକୃତ କଥା ଜଣାପଡିବ ବୋଲି ସେ କହିଛନ୍ତି। ଖଣି ଉପନିର୍ଦ୍ଦେଶକ, ଯୋଡା ଏଲ.ଡି.ନାୟକ ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରି କହିଛନ୍ତି, ଆଇଥ୍ରୀଏମଏସରେ ଗାଡି ପଞ୍ଜୀକରଣ ହୋଇ ନ ଥିଲେ ଗାଡିରେ ଖଣିଜପଥର ପରିବହନ ହୋଇପାରିବ ନାହିଁ । ପରିବହନ ବିଭାଗ ତଥ୍ୟ ଅନୁଯାୟୀ ନ୍ୟାଶନାଲ ପରମିଟ ଲାଗି ପାଖାପାଖି ୨୪ ହଜାର ଟଙ୍କା ଟ୍ରକ ମାଲିକ ଜମା ଦେଇଥାନ୍ତି । ଉକ୍ତ ପର୍‌ମିଟରେ ଓଡିଶା ଭିତରେ ପରିବହନ ସକାଶେ ବେସ୍ ପର୍‌ମିଟ ୫ବର୍ଷ ପାଇଁ ମିଳିଥାଏ । ନ୍ୟାଶନାଲ ପର୍‌ମିଟ ପାଇଁ ଅଥରାଇଜେଶନ ଅବଧି ରହିଥାଏ ୧ବର୍ଷ । ସେହିପରି ଟ୍ରାଞ୍ଜିଟ ପରମିଟ ଓ କାଉଣ୍ଟର ଦସ୍ତଖତ ପରମିଟରେ ମାଲ ପରିବହନ ହୋଇଥାଏ । ଏଭଳି କ୍ଷେତ୍ରରେ କେଉଁ ପରମିଟରେ ଲୁହାପଥର ପରିବହନ ହେଉଛି ତାହାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସେ କହିଛନ୍ତି।



## ଦେବତାଗୋଧା ଓଷାରେ ଯୋଗଦେଲେ ବିଧାୟକ



ଦେବତାଗଧା ଓଷାରେ ବିଧାୟକ ମୋହନ ମାଝି ଓ ଅନ୍ୟମାନେ।

କେନ୍ଦୁଝର, ୯।୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ମହାନ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜନ୍ମଭୂମି ମାଟିର ଗାଁ ଉପର କୁସୁମିତା ଗ୍ରାମରେ ଦେବତାଗଧା ଓଷା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଓଷାକୁ ସେହି ଅଞ୍ଚଳର ଲୋକ ମାନେ ବର୍ଷରେ ଥରେ ପାଳନ କରିଥାନ୍ତି। ଏକ ଖଣ୍ଡାକୁ ଗୋଟିଏ ସପ୍ତାହ ଆଗରୁ ଘିଅ, ଧୂପ, ସିନ୍ଦୁର, ଚାଉଳ ଗୁଣ୍ଡି ଦେଇ ପୂଜାର୍ଚ୍ଚନା କରାଯାଇଥାଏ। ଆଗାମୀ ସପ୍ତାହ ଓଷା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦୋକାନ ବଜାର ଗହଳିପୂର୍ଣ୍ଣ ହେବା ସହ ଆଦିବାସୀ ଲୋକେ ନାଚଗୀତ କରନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝି ଯୋଗଦେଇ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ସାମାଜିକ କର୍ମୀ ସିଦ୍ଧେଶ୍ୱର ନାଏକ, ସରପଞ୍ଚ ସୁଜାତା ନାଏକ, ସଭ୍ୟ ରାଇମନ ଦେହୁରୀ, ରାଇସୁଆଁ ବିଜେପି ପ୍ରେସିଡ଼େଣ୍ଟ ବାବୁ ସେଠୀ ବିଜେପି ଯୁବମର୍ଚ୍ଚାର ରମେଶ ମୁଣ୍ଡା, ସଞ୍ଜିବ କୁମାର ସାହୁ ଯୋଗ ଦେଇଥିବାବେଳେ କମିଟିର ରାଜୁ ସେଠୀ, ନିରାକର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ବିଧାୟକ ମାଝିଙ୍କୁ ଗ୍ରାମବାସୀ ମାନେ ଭିଭିନ୍ନ ସମସ୍ୟା ବିଷୟରେ କହିଥିଲେ। ସବୁ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

